## ସଂକ୍ଷେପରେ

### ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନରେ ସୌମ୍ୟାଜିତ ପ୍ରଶଂସିତ

**ପଟ୍ଟାମୁଣ୍ଡାଇ,୭।୯(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଲୋକନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୌମ୍ୟାଜିତ ଜେନା ପ୍ରଶଂସିତ ହୋଇଛନ୍ତି। ଜିଲା ସ୍ତରରେ ଇନସ୍ପେୟାର ଆୱାର୍ଡ ବିଜ୍ଞାନ ପ୍ରକଳ୍ପ ଭରଚୁଆଲ ମୋଡରେ ସୌମ୍ୟା ତାଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସୌମ୍ୟା ଜଣେ ମେଧାବୀ ଛାତ୍ରୀ ହୋଇଥିବାବେଳେ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବେ ବୋଲି ଆଶା ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### ଅଠରବାଟିଆ ଗ୍ରାମକୁ ରାଜସ୍ୱ ଗ୍ରାମ ପାଇଁ ଦାବି

**ପଟ୍ଟାମୁଣ୍ଡାଇ,୭।୯(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ତହସିଲ ନରସିଂହପୁର ପଞ୍ଚାୟତରେ ଥିବା ଅଠରବାଟିଆ ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ଗ୍ରାମାବସୀ ଦାବି କରିଛନ୍ତି। ଅଠରବାଟିଆ ଗାଁରେ ଭୋଟରଙ୍କ ସଂଖ୍ୟା ପ୍ରାୟ ୧୨୦୦। ଏହି ଗ୍ରାମରେ ୩ଟି ୱାର୍ଡ ରହିଛି। ଗ୍ରାମର ଗୋଟିଏ ହାଇସ୍କୁଲ, ଗୋଟିଏ ଉଚ୍ଚ ପ୍ରାଥମିକ ସ୍କୁଲ ଓ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ। ଏଥିସହ ମହାଦେବ ମନ୍ଦିର, ବଜ୍ର ମହାକାଳି ମନ୍ଦିର, ଜଗନ୍ନାଥ ମନ୍ଦିର ସହ ୨ଟି ଅଙ୍ଗନୱାଡି କେନ୍ଦ୍ର ଅବସ୍ଥାପିତ। ଏହି ଗ୍ରାମକୁ ରାଜସ୍ୱ ଗ୍ରାମ କରିବାକୁ କ୍ଷୀରୋଦ ଚନ୍ଦ୍ର ଦାସ, ସଂଗ୍ରାମ କେଶରୀ ରାଉତ, ସନ୍ତୋଷ କୁମାର ପଣ୍ଡା, ଅବିନାଶ ପଣ୍ଡା, ଅମୂଲ୍ୟ ପରିଡା, ଗିରିଜା ଶଙ୍କର ସାମାଲ, ବ୍ରଜ କିଶୋର ପଣ୍ଡା ପ୍ରମୁଖ ଏଡିଏମ୍ ବସନ୍ତ କୁମାର ରାଉତ ଓ ଉପ ଜିଲାପାଳ ନିରଞ୍ଜନ ବେହେରାଙ୍କ ନିକଟରେ ଦାବି କରିଛନ୍ତି।

### ମାନପୁରରେ ଚୋରି

**ଆଳି,୭।୯(ଡି.ଏନ.ଏ.):** ଆଳି ଥାନା ମାନପୁର ଗାଁର ଯୁଗାନ୍ତ ପରିଡାଙ୍କ ଘରେ ରବିବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଯୁଗାନ୍ତ କରିଥିବା ଅଭିଯୋଗ ଅନୁଯାୟୀ, ରାତିରେ ତାଙ୍କ ପରିବାର ଲୋକ ଖାଇପିଇ ଶୋଇଥିଲେ। ସକାଳେ ଉଠିବା ବେଳକୁ ତାଙ୍କ ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଘରୁ ନଗଦ ୨୪ ହଜାର ଟଙ୍କା ସମେତ ୯ ଟି ବାକ୍ସ ଚୋରି ହୋଇଛି। ୭ଟି ବାକ୍ସ ନିକଟରେ ଥିବା ଏକ ବିଲରୁ ଖୋଲା ଅବସ୍ଥାରେ ମିଳିଛି। ୨ ଟି ବାକ୍ସ ଦୁର୍ବୃତ୍ତ ନେଇ ଯାଇଥିବା ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତ ତାଙ୍କ ଘର ନିକଟରେ ଏକ ଲୁହରଡ଼ ଓ ହଳେ ଚପଲ ଛାଡି ଦେଇ ଯାଇଥିବା ଦେଖିବାକୁ ମିଳିଛି। ଅଭିଯୋଗ ପାଇବା ପରେ ଘଟଣାସ୍ଥଳ ଅନୁଧ୍ୟାନ କରି ତଦନ୍ତ ଆରମ୍ଭ ହୋଇଥିବା ଥାନା ପକ୍ଷରୁ ଜଣାପଡ଼ିଛି।



# ଜଙ୍ଗଲ ଜମିରୁ ଜବରଦଖଲ ହଟୁନି

- ମହାକାଳପଡାରେ ଫର୍ମ-କେ' ସମସ୍ୟା ତୁଟୁନି
- ଅନିଶ୍ଚିତତାରେ ୧୭ ଗ୍ରାମର ଅଧିବାସୀ
- ବସୁନ୍ଧରା ଯୋଜନାରେ ଦୁର୍ନୀତିର ଛିଟା

**କେନ୍ଦ୍ରାପଡ଼ା ଅଫିସ, ୭।୯**

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବସୁନ୍ଧରା ଯୋଜନାରେ ଗତ ଜୁଲାଇ ଶେଷ ସୁଦ୍ଧା ମୋଟ ୪୫୩.୦୦୮ ଏକର ପତିତ ଜମିର ପଟ୍ଟା ୫୩୩୫ ଜଣଙ୍କୁ ପ୍ରଦାନ କରାଯାଇଛି। ରାଜକନିକା ଓ ମହାକାଳପଡ଼ା ତହସିଲ ଅଞ୍ଚଳରେ ସର୍ବାଧିକ ହିତାଧିକାରୀ ଅଛନ୍ତି। ରାଜକନିକାରେ ୫୯୨ ହିତାଧିକାରୀଙ୍କୁ ମୋଟ ୧୯୯.୨୫୦ ଏକର ଓ ମହାକାଳପଡ଼ାରେ ୧୪୫୨ ଜଣଙ୍କୁ ୧୧୦.୭୭୧ ଡିସିମିଲ ଜମିର ପଟ୍ଟା ଦିଆଯାଇଛି। ଏହି ଦୁଇ ତହସିଲରେ ଥିବା କେତେଜଣ ହିତାଧୀକାରୀଙ୍କ ଭୂମି, ବ୍ୟାଙ୍କ ବାଲାନ୍ସ ଥାଇ ମଧ୍ୟ ଭୂମିହୀନ ଦର୍ଶାଇ ଜମି ପଟ୍ଟା ନେଇଥିବା ଅଭିଯୋଗ ହୋଇଛି। ସେହିପରି ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜଙ୍ଗଲ ଜମି ଦଖଲକୁ ନେଇ ଥିବା ସମସ୍ୟାର ସମାଧାନ ହେଉନାହିଁ। ଜିଲା ପ୍ରଶାସନ ପକ୍ଷରୁ ଫର୍ମ-କେ' ହିତାଧୀକାରୀଙ୍କୁ ଚିହ୍ନଟ କରି ପାରି ନ ଥିବାରୁ ଜଙ୍ଗଲ ଜମିରୁ ଜବରଦଖଲ ହଟୁନି। ଫଳରେ ଏହି ତହସିଲ ଅଞ୍ଚଳରେ ଥିବା ୧୭ ଗ୍ରାମରେ ରହୁଥିବା ବଙ୍ଗଭାଷି ଜମି ସତ୍ତ୍ୱ ଅଧିକାର ପାଇଁ ବହୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି।

ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ଅମିତାଭ ଚାନ୍ଦ କୁହନ୍ତି, ବସୁନ୍ଧରା ଯୋଜନା ହେଉ ଅଥବା ଜଙ୍ଗଲ ଜମି ସମସ୍ୟାରେ ଦୁର୍ନୀତି ରହିବାର ବହୁ ପ୍ରମାଣ ମିଳିଛି। ଏହି ଯୋଜନାରେ ଭୂମିହୀନଙ୍କୁ ଆବାସ ଗୃହ ପାଇଁ ଜମି ପ୍ରଦାନ କରାଯାଏ। ଏହାର ସୁଯୋଗ କେତେଜଣ ଧନୀ ଓ ରାଜନେତାଙ୍କ ପାଖ ଲୋକ ଜମି ହଡ଼ପ କରିଛନ୍ତି। ରାଜକନିକା ତହସିଲ ଅଞ୍ଚଳରେ ଜଣେ ରାଜନେତାଙ୍କ ପାଖ ଲୋକ ଓ ତାଙ୍କ ଭାଇ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ନେଇଥିବା ଜିଲା ପ୍ରଶାସନ ନିକଟରେ ସୋମବାର ଅଭିଯୋଗ ହୋଇଛି। ସେହିପରି ମହାକାଳପଡ଼ାରେ ତହସିଲ କର୍ମଚାରୀଙ୍କ ସହାୟତାରେ ଜାତି ପ୍ରମାଣ ପତ୍ର ଜାଲିଆତି କରି ଜମି ଅଧିଗ୍ରହଣ କରିଥିବା ମାମଲା କୋର୍ଟ ଓ ଆରଡିସିଙ୍କ ଦପ୍ତରରେ ଚାଲିଛି। ଏହା ବ୍ୟତୀତ ଜଙ୍ଗଲ ଜମିକୁ ଡିଟିପିରେ ହୋଇଥିବା କୁଜଙ୍ଗ ରାଜାଙ୍କ ହାତ ପଟ୍ଟାରେ ହଡପ କରାଯାଇଛି। ଏହି ମାମଲା ଦୀର୍ଘ ୨ ବର୍ଷ ଧରି ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜଙ୍ଗଲ ଜମିରୁ ଜବରଦଖଲ ହଟାଇବା ପ୍ରଶାସନ ପାଇଁ ଆଗାମୀ ଦିନରେ କଷ୍ଟକର ହେବ ବୋଲି ସେ କେତେକ ପ୍ରମାଣ ସହ ସୂଚନା ଦେଇଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ମହାକାଳପଡ଼ା ତହସିଲ ଅଧୀନ ଜଙ୍ଗଲ ଜମି କିସମ ଅଞ୍ଚଳର ୧୭ ଗ୍ରାମରେ ବସବାସ କରୁଥିବା ବଙ୍ଗଭାଷିଙ୍କ ପାଇଁ ଗତ ୨୦୧୭ ସେପ୍ଟେମ୍ବର ୨୨ରେ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯୭୨ରୁ ୧୯୮୦ ମସିହା ମଧ୍ୟରେ ଉକ୍ତ ୧୭ ଗ୍ରାମରେ ମୋଟ ୪,୯୦୭ ପରିବାର ୬୦୫୬.୫୯ ଏକର ଜମି ଜବରଦଖଲ କରି ଆସୁଛନ୍ତି ବୋଲି ଆଲୋଚନା ହୋଇଥିଲା। ଏଠାରେ ଜିଲା ପ୍ରଶାସନ ମାତ୍ର ୨୯.୫ ଏକର ଜମି ଲିଜ୍ ଆକାରରେ ଦେଇପାରିବ। ଅବଶିଷ୍ଟ ଜମି ଜଙ୍ଗଲ କିସମ ହୋଇଥିବାରୁ କିସମ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରବେଶ ମନ୍ତ୍ରଣାଳୟର ଅନୁମତି ଲୋଡ଼ିଥିବ ବୋଲି ସ୍ଥିର ହୋଇଥିଲା। ଇତିମଧ୍ୟରେ ମାତ୍ର ୩୦୦ ପରିବାର ସମ୍ପର୍କରେ ଜିଲା ପ୍ରଶାସନ ତଦନ୍ତ କରିଥିବା ବେଳେ ଅବଶିଷ୍ଟ ୪,୬୦୭ ପରିବାର ଜବରଦଖଲ କରି ରହୁଛନ୍ତି। ତେବେ ୨୦୧୮ ଅକ୍ଟୋବର ୧୬ରେ ତତକାଳୀନ ଉପଜିଲାପାଳଙ୍କ ଚିଠି (ନଂ.୬୫୪୫) ଅନୁଯାୟୀ ଫର୍ମ-କେ' ମାଧ୍ୟମରେ ଜଙ୍ଗଲ ଜମିରେ ବସବାସ କରୁଥିବା ପରିବାରଠାରୁ ରାଜସ୍ୱ ଆଦାୟ ହେଉଛି। ଫର୍ମ କେ ଏବେ ଜବରଦଖଲକାରୀଙ୍କ ପାଇଁ ଜିଲାରେ ସ୍ଥାୟୀ ହେବା ପାଇଁ ସିଧା ରାସ୍ତା ବାହାର କରିଛି। ଫଳରେ ଦିନକୁଦିନ ତହସିଲ କର୍ମଚାରୀଙ୍କ ସଲାସୁତରାରେ ଫର୍ମ-କେ'ରେ ରାଜସ୍ୱ ଦେଇ ଜଙ୍ଗଲ ଜମିକୁ ଅକ୍ତିଆର କରୁଛନ୍ତି। ସେହିପରି ବସୁନ୍ଧରା ଯୋଜନାରେ କେତେକ ଜଙ୍ଗଲ ଜମି ହାତେଇ ଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି , ଜଙ୍ଗଲ ଜମି ଜବରଦଖଲକୁ ନେଇ ଜିଲା ପ୍ରଶାସନ ତତ୍ପର ଅଛି। ବସୁନ୍ଧରା ଯୋଜନାରେ ଦୁର୍ନୀତି ସମ୍ପର୍କରେ ନଜରକୁ ଆସିଲେ ତଦନ୍ତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ତିକନପୁର ଗ୍ରାମୀଣ ପାର୍କ ନିର୍ମାଣ ଅଧାରୁ ବନ୍ଦ



ତିକନପୁରରେ ଅର୍ଦ୍ଧନିର୍ମିତ ପାର୍କ।

**ପାଟକୁରା, ୭।୯(ଡି.ଏନ୍.ଏ.)**

### ପ୍ରଶାସନର ଅବହେଳା: ଯୋଜନା ଲୋକଙ୍କ କାମରେ ଆସୁନି

ଗରଦପୁର ବ୍ଲକ ଅଧୀନ ତିକନପୁର ପଞ୍ଚାୟତର ତିକନପୁର ଖେଳପଡ଼ିଆରେ ଏକ ଗ୍ରାମୀଣ ପାର୍କ ନିର୍ମାଣ କାର୍ଯ୍ୟ ୨୦୧୯-୨୦ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଥିଲା। ଏଥିପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ପଞ୍ଚାୟତର ତତ୍ତ୍ୱାବଧାନରେ କାର୍ଯ୍ୟଟି ଆରମ୍ଭ କରାଯାଇ କେବଳ ଚାରିପାର୍ଶ୍ୱ ପ୍ରାଚୀର କାମ କରାଯାଇଥିବା ବେଳେ ଅନ୍ୟ କାର୍ଯ୍ୟ କରାଯାଇନାହିଁ। ଲୋକମାନଙ୍କ ଚିତ୍ତବିନୋଦନ ନିମିତ୍ତ ଏହି ପାର୍କ ଉଦ୍ଦିଷ୍ଟ ଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଏହା ଅଧାପନ୍ତରିଆ ହୋଇପଡ଼ିଛି। ଏହି ପାର୍କ ନିର୍ମାଣ ସରିଥିଲେ ତିକନପୁର ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସମେତ ଗ୍ରାମର ପିଲାମାନେ ଏହି ପାର୍କରେ ଖେଳକୁଦ କରିବାର ସୁଯୋଗ ପାଇଥାନ୍ତେ। କାର୍ଯ୍ୟଟି ସମ୍ପୂର୍ଣ୍ଣ ନ ହେବାରୁ ଏହାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରୁନାହିଁ। ଅଯଥାରେ ସରକାରୀ ଅର୍ଥ ବିନିଯୋଗ ସତ୍ତ୍ୱେ ଅଧାପନ୍ତରିଆ ଭାବେ ହୋଇ ପଡ଼ିରହିଛି। ତୁରନ୍ତ ପାର୍କ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମର ତିଲୋଚନ ବିଶ୍ୱାଳ ଦାବି କରିଛନ୍ତି।

# ସମୁଦ୍ର ଫୁଲି ଗାଁରେ ପଶିଲା ପାଣି



ନାଞ୍ଚୁରା ପଞ୍ଚାୟତ ପାଣିଖିଆ ଗାଁରେ ସମୁଦ୍ର ପାଣି ଲହଡ଼ି ମାରୁଛି।

**ମହାକାଳପଡ଼ା, ୭।୯ (ଡି.ଏନ.ଏ.)**

### ବଙ୍ଗୋପସାଗରରେ ଲଘୁଚାପ, ଅମାବାସ୍ୟାର ପ୍ରଭାବ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନାଞ୍ଚୁରା ପଞ୍ଚାୟତର ଜନଜାତି ସାନ୍ତାଳି ସମ୍ପ୍ରଦାୟର ପାଣିଖିଆ ଗାଁ ରହିଛି। ବଙ୍ଗୋପସାଗରରେ ଲଘୁଚାପ ଜନିତ ବର୍ଷା, ପବନ ଓ ମଙ୍ଗଳବାର ଅମାବାସ୍ୟା ଯୋଗୁ ସମୁଦ୍ର ଫୁଲି ପାଣିଖିଆ ଗାଁରେ ସମୁଦ୍ର ପାଣି ପଶିଛି। ଏଥିଯୋଗୁ ଗାଁ ଲୋକ ଭୟଭୀତ ହୋଇ ପଡିଛନ୍ତି। ଗାଁକୁ ଯାଇଥିବା ମୁଖ୍ୟ ରାସ୍ତାରେ ସମୁଦ୍ର ଜଳ ଲହଡ଼ି ଖେଳୁଛି। ଏହି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଛି। ପାଣିଖିଆ ଗାଁର ପୂର୍ବ ଓ ଉତ୍ତର ଦିଗରେ ବିସ୍ତୀର୍ଣ୍ଣ ଘଞ୍ଚ ଲୁଣା ଜଙ୍ଗଲ ପରିବ୍ୟାପ୍ତ। ଗାଁକୁ ଭଲ ସବୁଦିନିଆ ରାସ୍ତାଟିଏ ନାହିଁ। ଅମାବାସ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହୁଥିବାରୁ ଗାଁକୁ ପାଣି ପ୍ରବେଶ କରିଛ। ଗାଁରେ ଯାତାୟାତ ପାଇଁ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଛି। ଜଙ୍ଗଲ ସଂଲଗ୍ନ ଯୋଗୁ ଲୋକଙ୍କ ମଧ୍ୟରେ ବନ୍ୟ ଜୀବଜନ୍ତୁ ଓ ସରୀସୃପ ଭୟ ସୃଷ୍ଟି ହୋଇଛି। ରାସ୍ତା ବୁଡି ସମୁଦ୍ର ପାଣି ପ୍ରବେଶ ଯୋଗୁ ଗାଁର ଲୋକମାନେ ଭଉଁରି ଜାଲ ପକାଇ ମାଛ, କଙ୍କଡା ଧରୁଥିବା ଦେଖିବାକୁ ମିଳିଛି। ପାଣିଖିଆରେ ୫୦ ଜନଜାତି ସାନ୍ତାଳି ସମ୍ପ୍ରଦାୟ ପରିବାର ମଧ୍ୟରେ ଦୁଇ ଶହ ଲୋକ ବସବାସ କରୁଥିବା ଜଣାପଡିଛି। ଗାଁ ଲୋକଙ୍କ ନିଜର ଜମି ନ ଥିବାରୁ ଭାଗ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ତୁରନ୍ତ ପ୍ରଶାସନ ଏହି ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଗାଁର ଗଜେନ୍ଦ୍ର ମାରାଣ୍ଡି, ରାମେଶ୍ୱର ମାରାଣ୍ଡି, ସୂର୍ଯ୍ୟ ହେମ୍ବ୍ରମ, ନୁଗୁର ସୋରେନ, ସୁନା ଟୁଡୁ ପ୍ରମୁଖ କହିଛନ୍ତି।

## ଚାନ୍ଦୋଳର ସିଆରପି ଚୟନ ପ୍ରକ୍ରିୟା ବାତିଲ

**କେନ୍ଦ୍ରାପଡ଼ା ଅଫିସ/ ଡେରାବିଶ, ୭।୯(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନର କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍‌ପି) ଚୟନ ପ୍ରକ୍ରିୟା ମଙ୍ଗଳବାର ହେଉଥିଲା। ତେବେ ଏଥିରେ ଅନିୟମିତତା ଥିବା ଦର୍ଶାଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପିଡି ଦିଲୀପ କୁମାର ପରିଡା ବାତିଲ କରିଛନ୍ତି। ଏହି ପ୍ରକ୍ରିୟା ପରବର୍ତ୍ତୀ ସମୟରେ ହେବ ବୋଲି ପିଡି ପରିଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଜୀବିକା ମିଶନର ବିପିଏମ୍ ଓ ବିଏଲ୍‌ସି ଏହି ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ତେବେ ଏଠାରେ ଅନିୟମିତତା ହେଉଥିବା ଦର୍ଶାଇ ମହିଳାମାନେ ଆନ୍ଦୋଳନ କରିଥିଲେ। ଏ ସମ୍ପର୍କରେ ଡେରାବିଶ ବିଡିଓଙ୍କ ତଦନ୍ତ ପରେ ଚୟନ ପ୍ରକ୍ରିୟାକୁ ବନ୍ଦ ରଖାଯାଇଛି।

## ଟଙ୍କା ଲୁଟ ଘଟଣା, ଜଣେ ଗିରଫ

**ରାଜନଗର,୭।୯ (ଡି.ଏନ.ଏ.)**

ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟ ଘଟଣାରେ ରାଜନଗର ଥାନା ପୋଲିସ ଓକିଲପାଳ ଗାଁର ରମେଶ ରାଉତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ରମେଶଙ୍କଠାରୁ ୫ ହଜାର ଟଙ୍କା ସହ ଗୋଟିଏ ସ୍କୁଟି ଜବତ କରାଯାଇଛି। ରମେଶଙ୍କ ସୂଚନା ମୁତାବକ, ସେମାନେ ୩ ଜଣ ଅତର୍କିତ ଭାବେ ଆକ୍ରମଣ କରି ଟଙ୍କା ଛଡାଇ ନେଇଥିଲେ। ସେମାନେ ବନ୍ଧୁକ ନୁହେଁ, ଛୁରି ଦେଖାଇ ଟଙ୍କା ଲୁଟି ନେଇଥିଲେ। ସେମାନେ ଟଙ୍କା ନେବା ପରେ ୩ଜଣ ୩୫ ହଜାର ଟଙ୍କା ଲେଖାଏ ବାଣ୍ଟି ନେଇଥିଲେ। ଲୁଟ୍ ଟଙ୍କାରେ ସ୍କୁଟି ସଜାଡିବା ସହ ବକେୟା ବାକି ଟଙ୍କା ଶୁଝିଛି। ଅବଶିଷ୍ଟ ୫ ହଜାର ଟଙ୍କା ପୋଲିସ ଜବତ କରିଛି। ଅନ୍ୟ ୨ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨ ତାରିଖ ରାତି ପ୍ରାୟ ୯ଟାରେ ଚାନ୍ଦିବାଉଁଶମୂଳ ଗାଁର ପ୍ରଫୁଲ୍ଲ ରାଉଳ ଜରିମୂଳ ବଜାରର ମଙ୍ଗଳା ଛକ ନିକଟରେ ତେଜରାତି ଦୋକାନ ବନ୍ଦ କରି ଏକ ହ୍ୟାଣ୍ଡ ବ୍ୟାଗରେ ୧ ଲକ୍ଷ ୪୭ ହଜାର ୮ଶହ ଟଙ୍କା ବିକ୍ରି ଓ ବାକି ଆଦାୟ ଟଙ୍କା ଧରି ଘରକୁ ଫେରୁଥିଲେ। ଦୋକାନଠାରୁ ଘର ମାତ୍ର ୨ଶହ ମିଟର ଦୂର। ଦୋକାନରୁ ଘରକୁ ଫେରିବା ବାଟରେ ପ୍ରଫୁଲ୍ଲ ବରାଳଙ୍କ ଘର ସାମ୍ନାରେ ପୂର୍ବରୁ ପ୍ରସ୍ତୁତ ଥିବା ୩ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଆସି ମୋବାଇଲ ଛଡାଇବାବେଳେ ଅନ୍ୟ ଜଣେ ବନ୍ଧୁକରେ ମୋ ମୁଣ୍ଡକୁ ଗୋଟେ ପାହାର ପକାଇ ଥିଲେ। ଏହାପରେ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଅନ୍ୟ ୨ଜଣ ଯୁବକ ମୋ ଟଙ୍କା ବ୍ୟାଗ ଓ ମୋବାଇଲ ଛଡାଇ ଥିଲେ। ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଦ୍ରୁତଗତିରେ ପଳାଇ ଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା।




ଖରସ୍ରୋତା ନଦୀ ଓ ଭିତରକନିକା ସୁରକ୍ଷା ଏବଂ ବ୍ୟାରେଜ୍ ନିର୍ମାଣ ଦାବିରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରରେ ବିଧାନସଭା ଘେରାଉ ପାଇଁ ଲୋୟର ପିଏମ୍‌ଜିରେ ଶୋଭାଯାତ୍ରା।

# ପଞ୍ଜୀକୃତ ହୋଇନାହାନ୍ତି ୫୦୦ରୁ ଉର୍ଦ୍ଧ୍ୱ ଚାଷୀ

**କେନ୍ଦ୍ରାପଡ଼ା ଅଫିସ, ୭।୯**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଚାନ୍ଦିବାଉଁସମୂଳ ପ୍ରାଥମିକ କୃଷି ସମବାୟ ସମିତିର ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କର ଧାନ ବିକ୍ରି ପାଇଁ ପଞ୍ଜୀକରଣ ହୋଇନାହିଁ। ଏହି ଚାଷୀଙ୍କ ପଞ୍ଜୀକରଣ ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ମଙ୍ଗଳବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଏକ ଦାବିପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସମିତି ଅଧୀନରେ ଥିବା ଚାଷୀ ବସନ୍ତ କୁମାର ସ୍ୱାଇଁ କହିଛନ୍ତି, ପଞ୍ଜୀକରଣ ସମ୍ପର୍କରେ ସମବାୟ ସମିତି ପକ୍ଷରୁ କୌଣସି ସଚେତନତା କରାଯାଇ ନ ଥିଲା। ଏବେ ଚାଷ ସମୟ ହେତୁ ଚାଷୀ ବିଲରେ ରହୁଛନ୍ତି। ଏହି ଅବଧି ମଧ୍ୟରେ ପଞ୍ଜୀକରଣ ସମୟ ସୀମା ସରି ଯାଇଥିବା ଜାଣିବାକୁ ମିଳିଛି। ପଞ୍ଜୀକୃତ ଚାଷୀ ନ ହେଲେ ଧାନ ବିକ୍ରି ସମ୍ଭବ ନୁହେଁ। ଫଳରେ ଋଣ କରି ଧାନ ଚାଷ କରିଥିଲେ ମଧ୍ୟ ଅଭାବୀ ବିକ୍ରି ସମସ୍ୟା ରହିବ। ସମିତି ଅଧୀନରେ ଏପରି ସମସ୍ୟା ଅଛି। ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ସମୟ ଦେବାକୁ ଜିଲାପାଳଙ୍କୁ ନିବେଦନ କରାଯାଇଛି।

## ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ସମସ୍ୟା

**ପଟ୍ଟାମୁଣ୍ଡାଇ,୭।୯(ସ୍ୱ.ପ୍ର.)**

ଚଳିତ ବିଧାନସଭା ଅଧିବେସନରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରାଜନଗର ବିଧାୟକ ଧ୍ରୁବ ସାହୁ ଉତ୍‌ଥାପନ କରିଛନ୍ତି। ବିଧାୟକ ସାହୁ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିଥିବା ବେଳେ ଆର୍ଥିକ ମଞ୍ଜୁରୀ ପ୍ରଦାନରେ ବିଳମ୍ବ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆଯିବା। ହୋମିଓପାଥିକ ଓ ଆୟୁର୍ବେଦିକ ଚିକିତ୍ସାଳୟରେ ଡାକ୍ତରୀ ପଦବୀ ଖାଲିପଡିବା ସହ ଡାକ୍ତର ନ ଥିବାରୁ ଚିକିତ୍ସାଳୟ ବନ୍ଦ ହୋଇପଡିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଥିଲେ, ୨୦୧୯/୨୦ ଆର୍ଥିକ ବର୍ଷରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତୀକରଣ ନିମନ୍ତେ ୫ କୋଟି ଟଙ୍କା ଅନୁଦାନ ଦିଆଯାଇଛି। ଆଉ ଖାଲି ପଡିଥିବା ଡାକ୍ତରୀ ପଦବୀଗୁଡିକୁ ଓପିଏସ୍‌ସି ଦ୍ୱାରା ଚୟନ କରାଯାଇ ବିଭାଗୀୟ ପଦୋନ୍ନତି ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ଦ୍ୱାରା ଯଥା ସମ୍ଭବ ପୂରଣ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ଉତ୍ତରରେ କହିଥିଲେ। କେନ୍ଦ୍ରାପଡ଼ା ଜିଲାରେ ୧୯ ହୋମିଓପ୍ୟାଥିକ, ୧୫ ଆୟୁର୍ବେଦିକ ଡାକ୍ତରଖାନା ଅଛି। ସେଥିରୁ ୬ ହୋମିଓପ୍ୟାଥିକ ଓ ୫ ଆୟୁର୍ବେଦିକ ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲିପଡିଛି। ସରକାର ଓପିଏସ୍‌ସି ମାଧ୍ୟମରେ ନିଯୁକ୍ତି ପାଇଁ ପଦକ୍ଷେପ ନେଇଛନ୍ତି ବୋଲି ମନ୍ତ୍ରୀ ଦାସ କହିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ-ରାଜନଗର ୧୫ କି.ମି. ପୂର୍ତ୍ତ ବିଭାଗ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ନିମ୍ନମାନର କାମ ଯୋଗୁ ଅବସ୍ଥା ସୁଧୁରୁ ନାହିଁ। ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ଗାଡି ଚଳାଚଳରେ ସମସ୍ୟା ହେଉଛି। ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଏହି ରାସ୍ତା ନିର୍ମାଣ ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ କେତେ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ବିଧାୟକ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ ମଲ୍ଲିକ କହିଥିଲେ, ୨୦୨୦/୨୧ ଆର୍ଥିକ ବର୍ଷରେ ୬୨,୬୪,୪୧୮ ଟଙ୍କା ବ୍ୟୟରେ ଏହି ରାସ୍ତା ମରାମତି ଓ ନିର୍ମାଣ କରାଯାଇଥିଲା। ପଟ୍ଟାମୁଣ୍ଡାଇ-ରାଜନଗର ପୂର୍ତ୍ତ ବିଭାଗ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ନାହିଁ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

# ନିମ୍ନମାନର ସାର ବି ଚଢ଼ା ଦରରେ ବିକ୍ରି

- ଅପମିଶ୍ରଣ ସାର ବିକ୍ରି ଅଭିଯୋଗ
- ବଡ଼ ଚାଷୀଙ୍କୁ ବଳିଆ ଯୋଜନା
- ଭାଗଚାଷୀ, ଭୂମିହୀନଙ୍କୁ ହତାଦର

**ମହାକାଳପଡ଼ା,୭।୯(ଡି.ଏନ୍.ଏ.)**

ନିଅଣ୍ଟିଆ ବର୍ଷା ଯୋଗୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଏପରି ସମୟରେ ଯେଉଁ କିଛି ଜମିରେ ଧାନ ତଳି ରହିଛି ତାକୁ ବଞ୍ଚାଇ ରଖିବାକୁ ଚାଷୀମାନେ ଅଣ୍ଟା ଭିଡ଼ିଛନ୍ତି । ସେଥିପାଇଁ ଆବଶ୍ୟକ ପାଣି ସହିତ ସାର ଦରକାର ପଡୁଛି । ହେଲେ ଅପମିଶ୍ରଣ ସାର ଚାଷୀଙ୍କ ଚିନ୍ତା ବଢ଼ାଇଛି। ଖୋଲା ବଜାରରୁ ମିଳୁଥିବା ଗ୍ରୋମର ସାର ଚାଷୀମାନେ ଜମିରେ ପକାଇଲେ ତାହା ପାଣିରେ ଭାସୁଛି । ସେହି ସାର ଅପମିଶ୍ରିତ ବୋଲି ଚାଷୀମାନେ କହିଛନ୍ତି ।

ସ୍ଥାନୀୟ ଅଞ୍ଚଳର ଚାଷୀ ମୁରଲୀ ସ୍ୱାଇଁ, ସୁବାସ ସାମଲ, ପରିକ୍ଷିତ ନାୟକ ପ୍ରମୁଖ କହିଛନ୍ତି, ବ୍ଲକ୍‌ର ବେଆଇନ ଖୁଚୁରା ସାର ବ୍ୟବସାୟୀ ଗାଁ ଗହଳିର ଚାଷୀଙ୍କୁ ସାର ବିକ୍ରି କରୁଛନ୍ତି । ଚାଷୀମାନେ ସେମାନଙ୍କଠାରୁ ଚଢ଼ା ଦରରେ ସାର କିଣୁଥିଲେ ମଧ୍ୟ ତାହା ଜମିରେ ପକାଇବାର କିଛି ସମୟ ପରେ ପାଣିରେ ଭାସୁଛି । କେତେଜଣ ଅସାଧୁ ସାର ବ୍ୟବସାୟୀ ଏପରି କରୁଛନ୍ତି । ଆଉ କେତେଜଣ ବ୍ୟବସାୟୀ ସାର ବସ୍ତାକୁ ଅଦଳବଦଳ କରୁଛନ୍ତି।



ଜମିରେ ସାର ପକାଇବା ପାଇଁ ଚାଷୀମାନେ ପ୍ରସ୍ତୁତି ଚଳାଇଛନ୍ତି ।

ଫଳରେ କମ୍ପାନୀ ଚାଷୀଙ୍କୁ ବସ୍ତା ପିଛା ରିହାତି ଦେଉଥିଲେ ମଧ୍ୟ ଚାଷୀଙ୍କୁ ସେହି ସୁବିଧା ମିଳୁନାହିଁ । କୃଷି ବିଭାଗର ଦାୟିତ୍ୱହୀନତା ଯୋଗୁ ଚାଷୀମାନେ ଚଢା ଦରରେ ସାର କିଣୁଛନ୍ତି। ଏପରି କି ନକଲି ସାର ପ୍ୟାକିଂ କରାଯାଇ ଚାଷୀଙ୍କୁ ବିକ୍ରି କରାଯାଉଛି ବୋଲି ବହୁ ଚାଷୀ କହିଛନ୍ତି ।

ଅନ୍ୟପକ୍ଷେ ନିଅଣ୍ଟିଆ ବର୍ଷା ଯୋଗୁ ମହାକାଳପଡ଼ା ବ୍ଲକର ଅର୍ଦ୍ଧାଧିକ ଜମି ପଡ଼ିଆ ପଡିଛି ବୋଲି ଗଙ୍ଗାଧର ପ୍ରଧାନ, ବିଚିତ୍ର ସାହୁ, ପ୍ରହଲ୍ଲାଦ ବାରିକ, ନାଥ କୁମାର ସ୍ୱାଇଁ, ଅଚ୍ୟୁତାନନ୍ଦ ରାଉତ, କୈଳାସ ସ୍ୱାଇଁ, ଅର୍ଜୁନ ବେହେରା ପ୍ରମୁଖ କହିଛନ୍ତି। ଲଘୁଚାପ ଯୋଗୁ ଭଲ ବର୍ଷା ହେଲେ ଫସଲ ବଞ୍ଚିପାରିବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ଏପରି ପରିସ୍ଥିତିରେ ବ୍ଲକ କୃଷି ଅଧିକାରୀମାନେ ଗାଁ ଗହଳିକୁ ଯାଉନାହାନ୍ତି । ବଳିଆ ଯୋଜନା ପାଇଁ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଗାଁ କୃଷି ସାଥୀଙ୍କ ସମ୍ପୂର୍ଣ୍ଣ ସମୟ ଅଫିସରେ କଟୁଛି । ସରକାରୀ ନିୟମ ଅନୁସାରେ ଭୂମିହୀନ, ଭାଗଚାଷୀ ବଳିଆ ଯୋଜନାରେ ସାମିଲ ହୋଇପାରିବେ। ହେଲେ ବହୁ ପ୍ରଭାବଶାଳୀ ଜମି ମାଲିକଙ୍କୁ ବଳିଆ ଯୋଜନାରେ ସାମିଲ କରାଯାଉଛି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଭାଗଚାଷୀ ଓ ଭୂମିହୀନ ଚାଷୀମାନେ କହିଛନ୍ତି, ଆମର ଜମି ନାହିଁ କି ପାଖରେ ଟଙ୍କା ନାହିଁ । ସେଥିପାଇଁ ଆମକୁ କୌଣସି ବିଭାଗୀୟ ଅଧିକାରୀ ପଚାରୁନାହାନ୍ତି । ବଡ଼ ଜମି ମାଲିକମାନେ ଏହି ଯୋଜନା ହାତେଇଛନ୍ତି । ବିଭାଗୀୟ ତଳିଆ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ଏଥିରେ ସମ୍ପୃକ୍ତି ଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମାର୍ଶାଘାଇ ଜିଲା କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ଧୀର କହିଛନ୍ତି, ଅଭିଯୋଗ ପରେ ଏକ ସ୍କ୍ୱାଡ୍ ଗଠନ କରାଯାଇଛି । ସେହି ସ୍କ୍ୱାଡ୍ ବିଭିନ୍ନ ଅଞ୍ଚଳରେ ଥିବା ସାର ଦୋକାନରେ ଚଢ଼ାଉ କରିବ । ସାର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ଯଦି ସେଥିରେ କୌଣସି ଅପମିଶ୍ରଣର ପ୍ରମାଣ ମିଳେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୨ ମଦ ବ୍ୟବସାୟୀ ଗିରଫ

ଚଢ଼େଇଧରା,(ଡି.ଏନ.ଏ.): ଜେନାପୁର ଥାନା ଅଧୀନ ଚଢ଼େଇଧରା ଛକ ନିକଟରୁ ଅବକାରୀ ପୋଲିସ ୨୫୦ଲିଟର ଦେଶୀମଦ ଜବତ କରିବା ସହ ୨ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ମୁର୍ଦ୍ଦଙ୍ଗା ଗ୍ରାମର ସୁନୀଲ ଆଇଚ ଓ ନିର ମଲ୍ଲିକ। ଉଭୟ ମଦ ନେଇ ଏକ କାର୍‌ରେ ବରଡ଼ାଛକ ଦେଇ ଯାଉଥିବା ସମୟରେ ଧରାପଡ଼ିଥିଲେ। ତିନୋଟି ମଟର ଟିୟୁବରେ ଦେଶୀ ମଦ ଭର୍ତ୍ତି ହୋଇଥିବା ଖବର ପାଇ ଅବକାରୀ ଇନ୍‌ସପେକ୍ଟର ସ୍ୱପ୍ନାରାଣୀ ସାହୁ ବରଡ଼ାଛକଠାରୁ କିଛି ଦୂରରେ ସେମାନଙ୍କୁ ଅଟକାଇ ମଦ ଜବତ କରିବା ସହ ଗିରଫ କରିଥିଲେ। ହାବିଲଦାର ଜୟପ୍ରକାଶ ବେହୁରା, ରାକେଶ ମୁର୍ମୁ, ଯଜାତି ପଣ୍ଡା, ସରୋଜ ବେହେରା ପ୍ରମୁଖ ଚଢ଼ାଉରେ ସହଯୋଗ କରିଥିଲେ।

# ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି

- ରାଜନୈତିକ ଇଚ୍ଛାଶକ୍ତି ଅଭାବ
- ଡାକ୍ତର ପଦବୀ ପୂରଣ ଉପରେ ଗୁରୁତ୍ୱ
- ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ଦାବି

ବରୀ,୭।୯(ଡି.ଏନ.ଏ.)

ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନାରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ, ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ଚିକିତ୍ସା ସମ୍ବନ୍ଧୀୟ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେବାକୁ ଗୁରୁତ୍ୱାରୋପ କରାଯାଉଛି । ହେଲେ ଅଦ୍ୟାବଧି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପରୋକ୍ତ ଚିକିତ୍ସା ସେବା ଉପଲବ୍ଧ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ପରିହାସରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଗଲାଣି ବୋଲି କହୁଛନ୍ତି ।

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବାଲିଆ, ରତ୍ନଗିରି, କୃଷ୍ଣନଗର, କଳାମାଟିଆ ଓ ଅଙ୍ଗାଳୋ ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିଛି। ଦୀର୍ଘଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ଖାଲି ପଡିଛି । ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଚିକିତ୍ସା କେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି । ବିଶେଷକରି



ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଡାକ୍ତର ନ ଥାଇ ଫାର୍ମାସିଷ୍ଟମାନଙ୍କ ଦ୍ୱାରା ରୋଗୀସେବା ଚାଲିଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି, ଦନ୍ତରୋଗ,ଶିଶୁ ଓ ଚକ୍ଷୁ ରୋଗ ବିଶେଷଜ୍ଞଙ୍କ ପଦବୀ ଖାଲି ପଡିଛି । ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଦୀର୍ଘଦିନ ଧରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି କରାଯାଇନାହିଁ । ଇତିମଧ୍ୟରେ ବରୀ ବିଧାୟିକା ସୁନନ୍ଦା ଦାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ନିମନ୍ତେ ଏକ ନୀଳ ନକ୍ସା ପ୍ରସ୍ତୁତ କରିଛନ୍ତି । ହେଲେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ କରିବା କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୨୯ ପଞ୍ଚାୟତର ରୋଗୀମାନେ ନିର୍ଭର କରୁଥିଲେ ମଧ୍ୟ ସାମାନ୍ୟ ଚିକିତ୍ସା ପାଇଁ ଦାୟିତ୍ୱରେ ଥିବା ଡାକ୍ତରମାନେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ନିରାମୟ ଯୋଜନାରେ ସରକାର ରୋଗୀମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଏଥିପାଇଁ ସରକାରୀ ଡାକ୍ତରଖାନାର କୌଣସି ଡାକ୍ତର ବାହାରୁ ଔଷଧ ଲେଖିପାରିବେ ନାହିଁ ବୋଲି ନିୟମ ରହିଛି । କେଉଁ ଔଷଧ ନିରାମୟ କେନ୍ଦ୍ରରେ ଉପଲବ୍ଧ ଅଛି ତାର ଏକ ତାଲିକା ବୋର୍ଡରେ ସାର୍ବଜନୀନ ହେବା କଥା। କିନ୍ତୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଔଷଧ ଦିଆ ନ ଯାଇ ନଷ୍ଟ କରାଯାଉଥିବା ଅଭିଯୋଗ ହେଉଛି। ରୋଗୀମାନଙ୍କୁ ନେଇ ଡାକ୍ତରଖାନାକୁ ଆସୁଥିବା ସମ୍ପର୍କୀୟମାନେ ପିଇବାକୁ ପାଣି ଟୋପାଏ ପାଉ ନାହାନ୍ତି । ଏପରି କି ବର୍ଷା ସମୟରେ ଆଶ୍ରୟ ନେବାପାଇଁ ବ୍ୟବସ୍ଥା ନାହିଁ ବୋଲି ଡାକ୍ତରଖାନାକୁ ଆସୁଥିବା ଲୋକମାନେ କହିଛନ୍ତି ।

ଏସଂକ୍ରାନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା.ଆଶିଷ ଦାସ କହିଛନ୍ତି, ସ୍ଥାୟୀ ଡାକ୍ତରଙ୍କ ନିଯୁକ୍ତି ଦାୟିତ୍ୱ ରାଜ୍ୟ ସରକାରଙ୍କର। ଅନ୍ୟପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କ ଚିକିତ୍ସା ସେବାରେ କୌଣସି ତ୍ରୁଟି କରାଯାଉନାହିଁ।

## ସଂକ୍ଷେପରେ

### ମାରପିଟ ଘଟଣାରେ ଜଣେ ଗିରଫ

ଜେନାପୁର,୭।୯(ଡି.ଏନ.ଏ.): ଜେନାପୁର ଥାନା କମାଗଡ଼ ପଞ୍ଚାୟତ ବେତମାଳିଶାସନ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ମାସ ୧୬ ତାରିଖରେ ହୋଇଥିବା ମାରପିଟ ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରାମର ଚନ୍ଦ୍ରଶେଖର ବାରିକ। ଚନ୍ଦ୍ରଶେଖର ଓ ସେହି ଗ୍ରାମର ବୁଲୁ ପରିଡ଼ାଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଏଥିରେ ବୁଲୁ ଆହତ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୫୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ରାତିରେ ପୋଲିସ ଚନ୍ଦ୍ରଶେଖରଙ୍କୁ ଗିରଫ କରିବା ପରେ ମଙ୍ଗଳବାର ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

### ଉଦାସ ଆଶ୍ରମରେ ସନ୍ଥ ସମ୍ମିଳନୀ

ଚଣ୍ଡିଖୋଲ,୭।୯(ଡି.ଏନ.ଏ.): ବଡ଼ଚଣା ବ୍ଲକ ଚଣ୍ଡିତସ୍ଥିତ ଉଦାସ ଆଶ୍ରମ ପରିସରରେ ମଙ୍ଗଳବାର ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଆଶ୍ରମର ମୁଖ୍ୟ ଅମରାନନ୍ଦ ଦାସଙ୍କ ମହାପ୍ରୟାଣପରେ ମଠର ମଠାଧିଶଙ୍କୁ ନେଇ ଆଶଙ୍କା ଦେଖାଯାଇଥିଲା। ତେବେ ଆଶ୍ରମ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁସନ୍ଥଙ୍କୁ ନିମନ୍ତ୍ରଣ କରାଯାଇ ଉତ୍ତରାଧିକାରୀ ଚୟନ କରାଯାଇଥିଲା। ମଠର ମହନ୍ତ ଭାବେ ଉଦୟାନନ୍ଦ ଦାସଙ୍କୁ ଅଭିଷେକ କରାଯାଇଥିଲା। ବ୍ରହ୍ମାନନ୍ଦଜୀ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ଅଭିଷେକ କାର୍ଯ୍ୟକ୍ରମରେ ଚାରଣ ଗୋଷ୍ଠୀ ଓଡ଼ିଶା ପକ୍ଷରୁ ବିଷ୍ଣୁସହସ୍ର ନାମ, ଗୀତାପାଠ ଓ ହନୁମାନ ଚାଳିଶା ସହ ଭଜନ କୀର୍ତ୍ତନ କରାଯାଇଥିଲା। ବହୁ ସଂଖ୍ୟାରେ ସାଧୁସନ୍ଥଙ୍କ ମିଳନ ଏହି ଅଞ୍ଚଳ ପାଇଁ ଶୁଭସଂକେତ ବୋଲି ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ପରାପ୍ରେକ୍ଷୀରେ ଆରମ୍ଭ ହୋଇଥିବା ୯ଦିନିଆ ହୋମଯଜ୍ଞରେ ସାଧୁସନ୍ଥମାନେ ସାମିଲ ହୋଇଥିଲେ।

### ଗଳିପୋଲ ପାଇଁ ଦାବିପତ୍ର

ଚଣ୍ଡିଖୋଲ,୭।୯(ଡି.ଏନ.ଏ.): କେନ୍ଦ୍ର ଜଳସମ୍ପଦ ଓ ଆଦିବାସୀ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ମୟୂରଭଞ୍ଜ ଗସ୍ତ ପରିପ୍ରେକ୍ଷୀରେ ମଙ୍ଗଳବାର ଚଣ୍ଡିଖୋଲ ଛକଠାରେ ବଡ଼ଚଣା ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହାସହିତ ୫୩ ନମ୍ବର ଜାତୀୟ ରାଜପଥର ଖୋସାଲିପୁର ନିକଟସ୍ଥ ନଳୁଆଶୁଣୀ ପୀଠ ନିକଟରେ ଏକ ଗଳିପୋଲ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ସମ୍ପାଦକ ଅମର ନାୟକ, ଜିଲା ସଭାପତି ଗୌତମ ରାୟ, ସାଧାରଣ ସମ୍ପାଦକ ଦେବଜାନୀ ପ୍ରଧାନ, ସମ୍ପାଦକ ପ୍ରମୋଦ ଜେନା, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ, ଉପସଭାପତି ଦୀପକ ସାମଲ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଭାକର ମଲ୍ଲିକ, ଓବିସି ସେଲ ସଭାପତି ସମରେନ୍ଦ୍ର କୁମାର ପରିଡ଼ା, ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ, ଲଲାଟ ମହାପାତ୍ର ପ୍ରମୁଖ ଚଣ୍ଡିଖୋଲ ଛକରେ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ୧୦ରେ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ

ଧର୍ମଶାଳା,୭ ।୯(ଡିଏନଏ): ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୮ତମ ଜୟନ୍ତୀ ଆସନ୍ତା ୧୦ ତାରିଖ ଶୁକ୍ରବାର ଜାରକାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଗୋକର୍ଣ୍ଣିକ ସାହିତ୍ୟ ସମାଜ ଅନୁକୂଲ୍ୟରେ ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ଅତିଥିଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ, ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ର ନାରାୟଣ ପୃଷ୍ଟି, କବି ପ୍ରଫୁଲ୍ଲ କୁମାର ଶତପଥୀ, ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ପ୍ରମୁଖ ଯୋଗଦେବେ ବୋଲି ଅନୁଷ୍ଠାନ ସମ୍ପାଦକ ହୃଷୀକେଶ ସାମଲ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଉତ୍ସବ ଅବସରରେ ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସାମଲ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ଜେନା, ବଟକୃଷ୍ଣ ପରିଡା, ଡ. ତୁହିନାଂଶୁ ରଥ, ଅବିନେଶ୍ୱର ଶତପଥୀ, ମାନସ ରଞ୍ଜନ ଜେନା, ସୁବାସ ଚନ୍ଦ୍ର ବେହେରା, ଡ. ଇନ୍ଦୁପ୍ରଭା ସାମଲ, ଡ. ସଞ୍ଜୟ ରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପସଭାପତି ମୀନତି ସାହୁ ଧନ୍ୟବାଦ ଦେଇଥିଲେ।

## ୨୪ କନିଷ୍ଠ ରାଜସ୍ୱ ସହାୟକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ଯାଜପୁର ଟାଉନ,୭।୯(ଡି.ଏନ.ଏ.)

ଯାଜପୁର ଜିଲାର ୨୪ ଜଣ କନିଷ୍ଠ ରାଜସ୍ୱ ସହାୟକ ନିଯୁକ୍ତି ପାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନବନିଯୁକ୍ତ ପ୍ରାର୍ଥୀଙ୍କ କାଉନ୍‌ସେଲିଂ କରାଯାଇଥିଲା। ସେମାନଙ୍କର ମେରିଟ ଅନୁସାରେ ସେମାନଙ୍କୁ ସ୍ଥାନ ଚୟନ ପାଇଁ ମତାମତ ମଗାଯାଇଥିଲା। ନିଜର ସୁବିଧା ଅନୁସାରେ ପ୍ରାର୍ଥୀଙ୍କୁ ସୁଯୋଗ ଦିଆଯାଇଥିଲା। କାଉନ୍‌ସେଲିଂରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଡେପୁଟି କଲେକ୍ଟର କାଜଲ ପ୍ରଧାନ, କାର୍ଯ୍ୟାଳୟ ଅଧୀକ୍ଷକ ଅଲେଖ ପ୍ରସାଦ ମହାରଣା, ବରିଷ୍ଠ ରାଜସ୍ୱ ସହାୟକ ବିନୟ କୁମାର ନାୟକ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଏବଂ ସହଯୋଗ କରିଥିଲେ। ପରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସମସ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୬ଟି ପଦବୀ ପାଇଁ ପ୍ରାର୍ଥୀ ଚୟନ କରାଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ଅନ୍ୟତ୍ର ୨ ଜଣ ନିଯୁକ୍ତି ପାଇସାରିଥିବାରୁ ବାକି ୨୪ ଜଣ ନିଯୁକ୍ତି ପାଇଥିଲେ।


ଯୁକ୍ତ ୩ ଓ ପିଜି ପରୀକ୍ଷା ପାଇଁ ଅନୁମତି ଦେବା ଦାବିରେ ଚିତାଲୋ କଲେଜର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସମ୍ମୁଖରେ ଧାରଣା ଦେଇଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୭।୯(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଭାଜପା ପକ୍ଷରୁ କୁଆଖିଆ ବଜାରଠାରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ମୟୂରଭଞ୍ଜ ଯାଉଥିବାବେଳେ କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ରାଜ୍ୟ ଆଇଟି ସେଲ୍ ସଂଯୋଜକ ରବୀନ୍ଦ୍ର ନାରାୟଣ ବେହେରା, ଭାଜପା ବରିଷ୍ଠ ନେତା ପବିତ୍ର ମୋହନ ଦାଶ, ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଇତିଶ୍ରୀ ଜେନା, ପୂର୍ବତନ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ଲକ୍ଷ୍ମଣ ସାହୁ, ମାୟାଧର ପଲେଇ ଓ ଆଶୁତୋଷ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଜାରର ଅନତିଦୂରରେ ଯାଜପୁର ଜିଲା ଭାଜପାର ପୂର୍ବତନ ସଭାପତି ଆଶୁତୋଷ ପରିଡ଼ା, ରବୀନ୍ଦ୍ର ଦାସ, କାହ୍ନୁଚରଣ ଦାସ, ବିରସେନ ରାଉତ, ଲକ୍ଷ୍ମୀଧର ପତି, ପ୍ରଶାନ୍ତ ମହାରଣା ଓ ନଟବର ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିରେ ଜିଲା ଭଜପା ସଭାପତି ଗୌତମ ରାୟ ଉପସ୍ଥିତ ଥିଲେ। ଭାଜପା କର୍ମକର୍ତ୍ତା ମନ୍ତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

## ଜବରଦଖଲ ଉଚ୍ଛେଦ ଦାବିରେ ଅନଶନ

ଯାଜପୁର ଟାଉନ,୭।୯(ଡି.ଏନ.ଏ.)

ସରକାରୀ ଜମି ଜବରଦଖଲ ପ୍ରତିବାଦରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଞ୍ଝାରପୁର ବ୍ଲକ୍ କଣ୍ଟିପୁର ଅଞ୍ଚଳର ପ୍ରଫୁଲ ନାୟକଙ୍କ ପରିବାର ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ଯେ, ତାଙ୍କ ଘର ପାଖରେ କେତେଜଣ ଗୋଚର ଜମିକୁ ଜବରଦଖଲ କରି ରଖିଛନ୍ତି। ଫଳରେ ପରିବାର ନିଜ ଘରକୁ ଯିବାଆସିବା କରିପାରୁନାହାନ୍ତି। ଏ ସମ୍ପର୍କରେ ପ୍ରଫୁଲ ବିଞ୍ଝାରପୁର ଥାନା ଅଧିକାରୀ, ଯାଜପୁର ଉପଜିଲାପାଳ, ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅନେକ ଥର ଅଭିଯୋଗ କରିଆସିଛନ୍ତି। ଏପରି କି ଗତ ମାସ ୧୬ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ପରିବାର ଅନଶନରେ ବସିଥିଲେ। ଏହାପରେ ଉପଜିଲାପାଳ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ପରିବାର ସହ ପ୍ରଫୁଲ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ପ୍ରଫୁଲ କହିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନଶନରତ ପରିବାର।

## ଆବାସ ପାଇବା ନେଇ ଆଶଙ୍କା

ବରୀ,୭।୯(ଡି.ଏନ.ଏ.)

**ବ୍ଲକ ପ୍ରଶାସନ ତାଲିକାରୁ ବହୁ ଯୋଗ୍ୟ ବାଦ୍**

ସରକାର ଗରିବ ଲୋକଙ୍କୁ ବାସ ଗୃହ ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ବରୀ ବ୍ଲକରେ ବହୁ ଯୋଗ୍ୟ ବ୍ୟକ୍ତି ଆବାସ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁସାରେ, ବ୍ଲକ୍‌ର ମୋଟ୍ ୨୯ ପଞ୍ଚାୟତର ୮୦୮୫ ଜଣଙ୍କ ତାଲିକା ପ୍ରକାଶ ପାଇଛି। ତେବେ ସେମାନେ ଆବାସ ପାଇବାକୁ ଯୋଗ୍ୟ କି ଅଯୋଗ୍ୟ ତାହା ତଦନ୍ତ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ବିଡିଓ ତାଙ୍କ ପତ୍ର ସଂଖ୍ୟା ୨୪୧୭ତା: ୧୪୦୭୨୦୨୧ରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ କର୍ମଚାରୀମାନେ ତଦନ୍ତ କରୁଛନ୍ତି। ତେବେ ବ୍ଲକ ଅଞ୍ଚଳରେ ବହୁ ଯୋଗ୍ୟ ବ୍ୟକ୍ତି ଥିଲେ ମଧ ମାତ୍ର ୮୦୮୫ଜଣଙ୍କୁ ତାଲିକାଭୁକ୍ତ କରାଯାଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେଉଁମାନଙ୍କ ନାମ ତାଲିକାରେ ନାହିଁ ସେମାନେ ବ୍ଲକ୍ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କୁ ଆବେଦନ କରିବା ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଫଳରେ ବାଦ୍ ପଡ଼ିଥିବା ବହୁ ପରିବାର ଲିଖିତ ଆବେଦନ କରିଛନ୍ତି। ତେବେ ସେମାନଙ୍କ ଆବେଦନକୁ ତଦନ୍ତ ପରିସରଭୁକ୍ତ କରାଯିବ କି ନାହିଁ ତାହା ଏବେ ଅନିଶ୍ଚିତତା ଭିତରେ ରହିଛି। ବ୍ଲକ୍ ଅଧୀନ ବାଇଁଶିରିଆ ପଞ୍ଚାୟତ ମିଳିମିଳାପୁର ଗ୍ରାମର ଉମର ଅଲ୍ଲି, ବାଲିବିଲି ପଞ୍ଚାୟତର ମାଧବାନନ୍ଦ ମଲ୍ଲିକ ଓ ରମ୍ପା ପଞ୍ଚାୟତର ଶିବବ୍ରତ ଜେନାଙ୍କ ପରିବାର ଚାଳଘରେ ରହୁଛନ୍ତି। ଏମାନେ ଘର ପାଇବାକୁ ଆଶାବାଦୀ ଥିଲେ ମଧ ତାଲିକାରେ ନାଁ ନ ଥିବା ଜଣାପଡ଼ିଛି। କେବଳ ଏହି ୩ ପରିବାର ନୁହେଁ ବ୍ଲକ୍ ଅଞ୍ଚଳର ବହୁ ଗରିବ ପରିବାରଙ୍କ ନାମ ତାଲିକାରେ ନାଁ ଥିବାରୁ ସେମାନେ ହତାଶ ହୋଇଛନ୍ତି। ତେଣୁ ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଶାସନ ତଦନ୍ତ କରି ଘର ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଶିବାନନ୍ଦ ସ୍ୱାଇଁ କହିଛନ୍ତି, ସରକାରୀ ନିର୍ଦ୍ଦେଶନାମା ମୁତାବକ ତଦନ୍ତ ଜାରି ରହିଛି। ଯୋଜନାରେ ସାମିଲ ହେବାକୁ ଥିବା ବ୍ୟକ୍ତିଙ୍କୁ ଆବେଦନ କରିବାକୁ କୁହାଯାଇଛି। ଆବେଦନ ପରେ ସେମାନଙ୍କ ନାମ ଜିଲା ପ୍ରଶାସନ ନିକଟକୁ ପଠାଇ ଦିଆଯିବ। ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିଲେ ତଦନ୍ତ କରାଯାଇ ସେମାନଙ୍କୁ ଯୋଜନାରେ ସାମିଲ କରାଯିବ।

## ସ୍ତ୍ରୀ ଛୁରାମାଡ଼ରେ ସ୍ୱାମୀ ଆହତ

- ଆକ୍ରମଣକାରୀ ସ୍ତ୍ରୀ କୋର୍ଟ ଚାଲାଣ
- ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ନେଇ ବିବାଦ

କଳିଙ୍ଗନଗର,୭।୯(ଡି.ଏନ୍.ଏ.)

ସ୍ତ୍ରୀଙ୍କ ଛୁରାମାଡ଼ରେ ସ୍ୱାମୀ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତା ମହିଳା ମାନସୀ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯାଜପୁର ରୋଡ ଆଦର୍ଶ ଥାନା ଅଧୀନ ବ୍ୟାସନଗର ପୌରାଞ୍ଚଳ ୨ ନଂ. ୱାର୍ଡ ପନାସିଆ ଗ୍ରାମରେ ସ୍ୱାମୀଙ୍କ ପରକୀୟା ପ୍ରୀତିକୁ କେନ୍ଦ୍ର କରି ଏହି ଘଟଣା ଘଟିଛି। ଆହତ ସ୍ୱାମୀ ନରୋତ୍ତମ ସାହୁଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ନରୋତ୍ତମଙ୍କ ସହ ଜଣେ ବିବାହିତ ମହିଳାଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ ମାନସୀ ବିରୋଧ କରୁଥିଲେ। ହେଲେ ନରୋତ୍ତମ ସେହି ମହିଳାଙ୍କୁ ଘରକୁ ଆଣିବାପରେ ଦମ୍ପତିଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ସେହି କଥାକୁ ନେଇ ନରୋତ୍ତମ ଓ ମାନସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ମାନସୀ ଛୁରିରେ ନରୋତ୍ତମଙ୍କ ହାତ ଓ ବେକକୁ କାଟିଥିଲେ। ଆହତ ନରୋତ୍ତମଙ୍କୁ ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଯାଜପୁର ରୋଡ ଥାନା ପକ୍ଷରୁ ମାନସୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ଏକ ମାମଲା (ନଂ.୩୪୧/୨୧) ରୁଜୁ କରାଯାଇଛି।

## କୃଷକ ନେତାଙ୍କୁ ଜନଅଧିବକ୍ତା ସମ୍ମାନ

ରସୁଲପୁର,୭।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର କୃଷକ ନେତା ପ୍ରଭାକର ନାୟକଙ୍କୁ ଜନଅଧିବକ୍ତା ସମ୍ମାନ-୨୦୨୧ରେ ସମ୍ମାନିତ କରାଯାଇଛି । କଟକ ସାରଳା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ସମାରୋହରେ ତାଙ୍କୁ ଏହି ସମ୍ମାନ ମିଳିଛି । କୃଷକମାନଙ୍କ ସମସ୍ୟା ପାଇଁ ଲଗାତର ଲଢେଇ ଜାରି ରଖିବା ସହ ଆଧୁନିକ ପ୍ରଣାଳୀରେ କୃଷିର ଅଗ୍ରଗତି ସମ୍ପର୍କରେ ସେ ନିରନ୍ତର ପ୍ରଚେଷ୍ଟା ଜାରି ରଖି ଆସୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ସହଦେବ ସାହୁ, ସମ୍ମାନିତ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଧାପକ ଡ. ସୁଲୋଚନା ଦାସ ଯୋଗଦେଇ ନାୟକଙ୍କ ସହ ଅନ୍ୟ ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ ।


ପ୍ରଭାକର ନାୟକଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ ମହିଳା

କଳିଙ୍ଗନଗର,୭।୯(ଡି.ଏନ୍.ଏ.)

୫-ଟି ନିୟମ ମାନୁନାହିଁ କଳିଙ୍ଗନଗର ପୋଲିସ । ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବାକୁ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ କଳିଙ୍ଗନଗର ଥାନାରେ ଏଥିରେ ବ୍ୟତିକ୍ରମ ଘଟିଥିବା ଜଣେ ଆଦିବାସୀ ମହିଳା ଅଭିଯୋଗ କରିଛନ୍ତି। ନ୍ୟାୟ ପାଇବା ପାଇଁ ସମ୍ପୃକ୍ତ ମହିଳା ଏସ୍‌ପିଙ୍କୁ ମଙ୍ଗଳବାର ଭେଟିଛନ୍ତି । ଅଭିଯୋଗ ଅନୁଯାୟୀ, କଳିଙ୍ଗନଗର ଥାନା ଅଧୀନ ଶାଳିଜଙ୍ଘା ପଞ୍ଚାୟତ ବାଘୁଆପାଳ ଗ୍ରାମର ଜଣେ ବିଧବା ମହିଳାଙ୍କୁ ଗତ ୨୨ ତାରିଖରେ ସେହି ଗ୍ରାମର ଜୟସିଂ ପୂର୍ତ୍ତି ଅସଦ୍‌ବ୍ୟବହାର କରିଥିଲେ। ସମ୍ପୃକ୍ତା ମହିଳା ଏହାର ପ୍ରତିବାଦ କରିବାରୁ ଜୟସିଂ ତାଙ୍କୁ ଏବଂ ତାଙ୍କ ଭ୍ରାଇଁଙ୍କୁ ମାଡ ମାରିବା ସହିତ ଉଭୟଙ୍କୁ ହତ୍ୟା ଧମକ ଦେଇଥିଲେ। ଏହାପରେ ସମ୍ପୃକ୍ତ ମହିଳା ଅନ୍ୟ ଉପାୟ ନ ପାଇ ସପରିବାର ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଇଥିଲେ। ପରଦିନ ସେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ । ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ମହିଳା ଜଣକ ସୋମବାର ଯାଜପୁର ଏସ୍‌ପିଙ୍କ ଭେଟି ନିଜର ସମ୍ମାନ ଓ ସୁରକ୍ଷା ପାଇଁ ନ୍ୟାୟ ଭିକ୍ଷା କରିଛନ୍ତ।

## ଗୋଶାଳା ପ୍ରତିଷ୍ଠା ପାଇଁ ଦାବିପତ୍ର

ରସୁଲପୁର,୭।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ଗଣେଶପାଟଣାର ବ୍ରାହ୍ମଣୀ ନଦୀକୂଳରେ ଏକ ଗୋଶାଳା ପ୍ରତିଷ୍ଠା ପାଇଁ ପରିକଳ୍ପନା କରାଯାଇଛି। ଉକ୍ତ ଗୋଶାଳାର ନାମ ଶ୍ରୀକୃଷ୍ଣଚନ୍ଦ୍ର ନିତ୍ୟ ଗୋଶାଳା ରଖାଯାଇଛି। ଗୋଶାଳା ନିର୍ମାଣ ସକାଶେ ଶ୍ରୀକୃଷ୍ଣଚନ୍ଦ୍ର ନିତ୍ୟ ଗୋଶାଳା କମିଟିପକ୍ଷରୁ ଏକ ଦାବିପତ୍ର କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ପ୍ରଦାନ କରାଯାଇଛି। ମଙ୍ଗଳବାର ମନ୍ତ୍ରୀ ଟୁଡୁ ମୟୂରଭଞ୍ଜ ଗସ୍ତରେ ଯାଉଥିବାବେଳେ ୧୬ନଂ. ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ଗୋଶାଳା କର୍ମୀମାନେ ତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ଦାବିପତ୍ର ଗ୍ରହଣ କରିବା ସହ ଗୋଶାଳା ଓ ତା'ର ପାରିପାର୍ଶ୍ୱିକ ସ୍ଥିତିରେ ଉନ୍ନତୀକରଣ ଲାଗି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରକାଶ ଯେ, ୨୦୧୫ରୁ ଏଠାରେ ଗୋଶାଳା ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। କମିଟି ଯାଜପୁର ଜିଲାପାଳଙ୍କ ଜରିଆରେ ଗୋଶାଳା ନାମରେ ଏକ ଜମି ପଞ୍ଜୀକରଣ କରି ପଟ୍ଟା ହାସଲ କରିଛି। ତେବେ ଗୋଶାଳା ନିର୍ମାଣ ସରକାରୀ ସହାୟତା ବିନା ସମ୍ଭବ ନୁହେଁ। ଏବେଯାଏ ଗୋ-ସେବକ, ସନାତନ ଧର୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତି, ସାମାଜିକ କର୍ମୀଙ୍କ ସହାୟତାରେ ଗୋଶାଳା ଭିତ୍ତିଭୂମିର ବିକାଶ କାର୍ଯ୍ୟ ଅଗ୍ରଗତି କରୁଛି। ପ୍ରସ୍ତାବିତ ସ୍ଥାନଟି ବ୍ରାହ୍ମଣୀ ନଦୀର ତଟବର୍ତ୍ତୀ ଅଞ୍ଚଳରେ ରହିଥିବାରୁ ଏଠାରେ ଗୋଶାଳାକୁ ପୂର୍ଣ୍ଣାଙ୍ଗୀକରଣ କରିବା, ଗୋଶାଳାଠାରେ ସାଧୁସନ୍ଥମାନଙ୍କ ପାଇଁ ଅତିଥିଗୃହ (ଧର୍ମଶାଳା) ନିର୍ମାଣ, ଗୋଶାଳା ପାର୍ଶ୍ୱରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ଓ ତା'ର ଚତୁଃପାର୍ଶ୍ୱରେ ପାର୍ଶ୍ୱଦେବଦେବୀ ମନ୍ଦିର ସ୍ଥାପନ ନିମନ୍ତେ ସହଯୋଗ ପାଇଁ କମିଟି ପ୍ରମୁଖ ଲକ୍ଷ୍ମୀଧର ପତି, ସଭାପତି ଚକ୍ରଧର ପଣ୍ଡା, ସମ୍ପାଦକ ସୁରେନ୍ଦ୍ର ସର, ନାରାୟଣ କର, ଅଶୋକ ଦାଶ, ଅମୀୟ ରଞ୍ଜନ ସାହୁ, ପଙ୍କଜ ପଣ୍ଡା, ଲକ୍ଷ୍ମଣ ଭୋଇ, ରବୀନ୍ଦ୍ର ଭୋଇ, ଚକ୍ରଧର କର, ଗଜେନ୍ଦ୍ର ସେଠୀ, ଦେବେନ୍ଦ୍ର ନାୟକ ଓ ଭରତ ସେନାପତି ପ୍ରମୁଖ ଦାବି କରିଛନ୍ତି।


କମିଟି କର୍ମକର୍ତ୍ତା କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ସେପ୍ଟେମ୍ବର, ୨୦୨୧



## ନାଳରୁ ଉଦ୍ଧାର ଶିଶୁର ମୃତ୍ୟୁ

**ବ୍ରହ୍ମପୁର ଅଫିସ:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈଦ୍ୟନାଥନଗର ନାଳ କଡ଼ରୁ ଉଦ୍ଧାର ଶିଶୁର ବଡ ମେଡିକାଲରେ ମୃତ୍ୟୁ ଘଟିଛି। ଫାଣ୍ଡି ପୋଲିସ ମଙ୍ଗଳବାର ମୃତଦେହ ଜବତ କରିଛି। ନଂ.୪୫୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ଶିଶୁଟିକୁ ସ୍ଥାନୀୟ ଗେଟବଜର ଶ୍ମଶାନରେ ପୋତି ଦିଆଯାଇଛି ବୋଲି ଚାଇଲଡ୍ ଲାଇନ୍ ସୂତ୍ରରୁ ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ଗତ ୧ ତାରିଖରେ ନାଳ କଡ଼ରୁ ଏକ ନବଜାତ ଶିଶୁ ପୁତ୍ରକୁ ଜଣେ ସ୍ଥାନୀୟ ଲୋକ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ଖବର ପାଇ ବ୍ରହ୍ମପୁର ଚାଇଲଡ୍ ଲାଇନ୍ କର୍ତ୍ତୃପକ୍ଷ ମେଡିକାଲରେ ପହଞ୍ଚି ଡାକ୍ତରଙ୍କୁ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଶିଶୁଟିର ଓଜନ ପ୍ରାୟ ୩କେଜି ଥିବା ବେଳେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେଉଥିଲା ।

## ସଂକ୍ଷେପରେ

### ବିସିସି ବ୍ୟାଙ୍କ କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୭।୯:** ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କୁମୁଦ ରଞ୍ଜନ ଜେନା ସଭାପତି, ଦେବାଶିଷ ପଟ୍ଟନାୟକ ସାଧାରଣ ସମ୍ପାଦକ, ରଞ୍ଜିତ କୁମାର ତରେଇ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ଦୁଇ ଯୁଗ୍ମ ସମ୍ପାଦକଙ୍କ ମଧ୍ୟରେ ସୁଧାଂଶୁ ଶେଖର ବିଶୋୟୀ ଓ ଅରୁଣ କୁମାର ସାହୁ ଅଛନ୍ତି। ନିରଞ୍ଜନ ନାୟକ କୋଷାଧକ୍ଷ ଏବଂ ପ୍ରଭାକର ପଣ୍ଡା ଅଫିସ ସମ୍ପାଦକ ହୋଇଥିବା ଘୋଷଣା କରାଯାଇଛି। ଶଙ୍କର ପ୍ରସାଦ ପାଢ଼ୀ ସଂଘ ଉପଦେଷ୍ଟା ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟିରେ ଅନନ୍ତ ପ୍ରସାଦ ଶର୍ମା, ଲୋକନାଥ ସାବତ, ରବୀନ୍ଦ୍ର ବେହେରା, ରମେଶ ଚନ୍ଦ୍ର ପାଢ଼ୀ, ମନୋଜ କୁମାର ପଟ୍ଟନାୟକ, ମହେଶ୍ୱରୀ ଶତପଥୀ, ରୁଦ୍ର କୁମାର, ବଦ୍ରିନାଥ ଦାସ, ଏସ୍.କେ. ସାମନ୍ତରାୟ, ଏଚ. ସତ୍ୟ ନାରାୟଣ, ନିରଞ୍ଜନ ରାଉଳ, ସୁଶାନ୍ତ ମଲଣା, କାର୍ତ୍ତିକ ସାହୁ, ମଧୁସ୍ମିତା ସାହୁ ଓ କେ. ମିଟୁ ସଦସ୍ୟା ଓ ସଦସ୍ୟ ହୋଇଥିବା ସୂଚନା ଦିଆଯାଇଛି। ବ୍ୟାଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ହୋଇଥିଲା।

### ଗଜପତି ନଗରରେ ଡ୍ରେନ୍ ସଫେଇ, ପୁନରୁଦ୍ଧାର ଦାବି

**ବ୍ରହ୍ମପୁର ଅଫିସ୍,୭।୯:** ଲଘୁଚାପଜନିତ ବର୍ଷା ଯୋଗୁ ବ୍ରହ୍ମପୁର ସହର ଗଜପତି ନଗର ବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳରେ ଡ୍ରେନ୍ ସଫେଇ ଓ ପୁନରୁଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ରବିବାର ଓ ସୋମବାର ଲଘୁଚାପଜନିତ ବର୍ଷା ଯୋଗୁ ଗଜପତି ନଗର ଦ୍ୱିତୀୟ, ପଞ୍ଚମ ଓ ଏଲ୍‌ଆଇଜି କଲୋନୀର ଘର ଭିତରେ ପାଣି ପଶିଥିଲା। ଏ ସମ୍ପର୍କରେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ମଙ୍ଗଳବାର ଲିଖିତ ଅଭିଯୋଗ କରାଯାଇଛି। କିନ୍ତୁ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ନାଳ ନର୍ଦ୍ଦମାଗୁଡିକ ସଫା ନ ହେବା ଓ ଭଙ୍ଗାରୁଜା ଅବସ୍ଥାରେ ଡ୍ରେନ୍‌ଗୁଡିକ ପଡି ରହିଥିଲେ ସୁଦ୍ଧା ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ପ୍ରତି ବର୍ଷ ସାମାନ୍ୟ ବର୍ଷାରେ ଉକ୍ତ ଅଞ୍ଚଳ ବାସିନ୍ଦା ଡ୍ରେନ୍ ପାଣିରେ ଉବୁଟୁବୁ ହେଉଥିବା ଅଭିଯୋଗ ହୋଇଛି। ଏଣୁ ଏହି ଅଞ୍ଚଳରେ ଡ୍ରେନ୍‌ଗୁଡିକୁ ସଫେଇ ଓ ପୁନରୁଦ୍ଧାର ପାଇଁ ଗଜପତି ନଗର ଉନ୍ନୟନ କମିଟି ସଭାପତି ରାଜେନ୍ଦ୍ର ପଣ୍ଡା ଦାବି କରିଛନ୍ତି।

### ଯାନ୍ତ୍ରିକ ତ୍ରୁଟି ପାଇଁ ଯୁକ୍ତ ୩ ପରୀକ୍ଷା ୨ ଘଣ୍ଟା ବିଳମ୍ବ

**ଭଞ୍ଜନଗର,୭।୯(ଡି.ଏନ.ଏ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ମହାବିଦ୍ୟାଳୟରେ ମଙ୍ଗଳବାରଠାରୁ ଯୁକ୍ତ ୩ ତୃତୀୟ ସେମିଷ୍ଟାର ପରୀକ୍ଷା ଅନ୍‌ଲାଇନରେ ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରଥମ ଦିନରେ ମଧ୍ୟାହ୍ନ ୧୨ଟାରୁ କଳା ପରୀକ୍ଷା ଆରମ୍ଭ ହେବାର ଥିଲା । ପରୀକ୍ଷାର ୧ ଘଣ୍ଟା ପୂର୍ବରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ମହାବିଦ୍ୟାଳୟକୁ ଅନ୍‌ଲାଇନରେ ପ୍ରଶ୍ନପତ୍ର ପଠାଯିବାର ବ୍ୟବସ୍ଥା ଥିଲା। କିନ୍ତୁ ହଠାତ୍ କମ୍ପ୍ୟୁଟରରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ୨ ଘଣ୍ଟା ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଛି। ଅପରାହ୍ନ ୨ଟାରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଥିବା ଜଣାପଡ଼ିଛି ।

### ପାନୀୟ ଜଳ ସମସ୍ୟା ସମାଧାନ ଦାବି

**ଛତ୍ରପୁର,୭।୯(ଡି.ଏନ୍.ଏ.):** ଛତ୍ରପୁର ବ୍ଲକ ଭିକାରୀପଲ୍ଲି ପଞ୍ଚାୟତ ସାମିଆପଲ୍ଲି ବାରିସାହି ଏବଂ ଲକ୍ଷ୍ମୀନାରାୟଣପୁର ଗ୍ରାମର ମା' କାଳୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପାନୀୟ ଜଳ ସମସ୍ୟା ସମାଧାନ ସହ ଏମ୍‌ଜିଏନ୍‌ଆର୍‌ଇଜିଏସରେ କର୍ମ ନିଯୁକ୍ତି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ମଥୁରା ସୁବୁଦ୍ଧିଙ୍କ ନେତୃତ୍ୱରେ ମହିଳାମାନେ ଆସିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସରେ କାମ ପାଇଁ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଲେ ମଧ କେହି ଶୁଣୁନାହାନ୍ତି। ସେହିପରି ସାମିଆପଲ୍ଲି ବାରିସାହିକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇ ନଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏସବୁ ସମସ୍ୟା ଉପରେ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବା ପାଇଁ ମହିଳାମାନେ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ନମିତା ପ୍ରଧାନ, ମା' କାଳୀ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଗୀତା ପ୍ରଧାନ ଓ ସମ୍ପାଦିକା ରିତା ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ।

# ସଙ୍ଗଠନ ସକ୍ରିୟ ପାଇଁ ବିଜେଡିର ପ୍ରୟାସ

**ଗୋପାଳପୁର ନିର୍ବାଚନ ମଣ୍ଡଳୀ**

■ ପଞ୍ଚାୟତ ନିର୍ବାଚନରେ ଟକ୍କର ଦେବ ଭାଜପା

**ବ୍ରହ୍ମପୁର ଅଫିସ,୭।୯**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଛି। ଗଞ୍ଜାମ ଜିଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀକୁ ବିଜେଡି ଫୋକସ କରିଛି। ସେଠାର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହୋଇଥିବାରୁ ବିକଳ୍ପ ନେତୃତ୍ୱ ଖୋଜା ଚାଲିଛି। ଆଶାୟୀ ସଂଖ୍ୟା ବଢ଼ି ଚାଲିଥିବାରୁ ନୂଆ ନେତା କାହାକୁ କରାଯିବ ତାହା ସସ୍‌ପେନ୍‌ସ ରଖାଯାଇଛି। ଏହି ବିଧାନସଭା କ୍ଷେତ୍ର ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କୁ ଦିଆଯାଇଛି। ୩୭ ଗ୍ରାମପଞ୍ଚାୟତ, ଗୋଟିଏ ବ୍ଲକ, ୪ ଜିଲା ପରିଷଦ ଜୋନ୍ ଏବଂ ଗୋପାଳପୁର ଏନ୍‌ଏସିକୁ ନେଇ ନିର୍ବାଚନ ମଣ୍ଡଳୀ ଗଠନ ହୋଇଛି।

ସୂଚନାଯୋଗ୍ୟ, ୨୦୧୭ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ସମସ୍ତ କଳବଳ ପ୍ରୟୋଗ ସତ୍ତ୍ୱେ ୪ ଜିଲା ପରିଷଦ ଜୋନ୍ ମଧ୍ୟରୁ ଦୁଇଟିରେ ବିରୋଧୀ ଭାଜପା ବାଜିମାତ କରିଥିଲା। ରଙ୍ଗେଇଲୁଣ୍ଡା ବ୍ଲକରେ ୫୪ ଓ ୫୫ନଂ. ଜୋନରେ ବିଜେଡି ପ୍ରାର୍ଥୀ ଦ୍ୱୟ ଜିତିଥିବା ବେଳେ ୫୩ନଂ. ଜୋନ୍ ଭାଜପା ସପକ୍ଷରେ ଯାଇଥିଲା। ଅପରପକ୍ଷରେ ଏହି ନିର୍ବାଚନ ମଣ୍ଡଳୀରେ କୁକୁଡ଼ାଖଣ୍ଡି ବ୍ଲକ ନିମଖଣ୍ଡି, ଲୋଚାପଡ଼ା, ବୋରିଗାଁ, ଗୁରୁଣ୍ଡି ଓ ହୁଗୁଲାପଟା ୫ ପଞ୍ଚାୟତ ଅନ୍ତର୍ଭୁକ୍ତ ଅଛି ଏବଂ ୧୦ନଂ.ଜୋନ ରହିଛି। ଏହି ଜୋନ୍‌ଟି ମଧ୍ୟ ଭାଜପାକୁ ଯାଇଛି। ୨୦୨୨ ପଞ୍ଚାୟତ ନିର୍ବାଚନକୁ ଏବେଠୁ ବିଜେଡି ଗୁରୁତ୍ୱ ଦେଇଛି। ଗୋପବନ୍ଧୁ ସବୁ ପଞ୍ଚାୟତର ବିକାଶ କାର୍ଯ୍ୟ ସମୀକ୍ଷା ସହ ଆଞ୍ଚଳିକ ନେତା ଓ କର୍ମୀଙ୍କୁ ରଣନୀତି ମନ୍ତ୍ର ଫୁଙ୍କୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ମଧ ଏହି ଆସନରେ ବିଜେଡି ପ୍ରାର୍ଥୀ ପ୍ରଦୀପଙ୍କୁ କଡ଼ା ମୁକାବିଲା କରିଥିଲେ ଭାଜପା ପ୍ରାର୍ଥୀ ବିଭୂତି ଜେନା। ମାତ୍ର ୨୩ ଶହ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ଏହାକୁ ନେଇ ରାଜନୀତି ସମୀକ୍ଷକ ନାନା ରୋଚକ ଟିପ୍ପଣୀ ଦେଇଥିଲେ। ଗତ ଜିଲା ପରିଷଦ ଓ ସାଧାରଣ ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ କଲେ ଗୋପାଳପୁରରେ ବିଜେଡି ସାଙ୍ଗଠନିକ ସ୍ଥିତି ସୁଦୃଢ଼ ନ ଥିବା ବାରିହେଉଛି।

କରୋନା ଦ୍ୱିତୀୟ ଲହର ପରେ ରାଜନୈତିକ ସଚିବ ଆସି ନ ଥିଲେ। ଗତ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ବ୍ରହ୍ମପୁର ଓ କନିଷିରେ ଦଳୀୟ କର୍ମୀଙ୍କୁ ଭେଟି ବିଭିନ୍ନ ଆଲୋଚନା ସହ ନୂଆ ରଣନୀତି ନେଇ ସଚେତନ କରାଇଥିଲେ। ବ୍ରହ୍ମପୁର ମହାନଗରର ୫ ୱାର୍ଡ ଗୋପାଳପୁର ବିଧାନସଭା କ୍ଷେତ୍ରରେ ଥିବାରୁ ଏହି ୱାର୍ଡଗୁଡ଼ିକର ନେତା, କର୍ମୀ ଓ ପୂର୍ବତନ କର୍ପୋରେଟରଙ୍କୁ ଭେଟି ଆଗାମୀ ପୌର ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଏହିସବୁ କାରଣରୁ ଶାସକ ଦଳ ଗୋପାଳପୁରକୁ ସର୍ବାଧିକ ଗୁରୁତ୍ୱ ଦେଇଥିବା ଅନୁମାନ କରାଯାଇଛି। ଭାଜପା ମଧ ଏବେଠୁ ସକ୍ରିୟ ହୋଇଥିବାରୁ ପଞ୍ଚାୟତ ନିର୍ବାଚନରେ ଶଙ୍ଖ–ପଦ୍ମ ଲଢ଼େଇ ତୀବ୍ର ହେବାର ରାଜନୈତିକ ଆଲୋଚନା ପରିସରକୁ ଆସିଯାଇଛି।

## ଜେଲ ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ତାଲିମ



ଜିଲାପାଳ ଅନୁଧ୍ୟାନ କରୁଛନ୍ତି ।

**ଛତ୍ରପୁର,୭।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ପ୍ରଥମ ଥର ପାଇଁ ଜେଲ ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ତାଲିମ ଦିଆଯାଉଛି। ଛତ୍ରପୁର ସବ୍‌ଜେଲର ଅନ୍ତେବାସୀମାନଙ୍କ ଦକ୍ଷତା ବିକାଶ ପାଇଁ ଓର୍‌ମାସ ଓ ମିଶନ ଶକ୍ତି ପକ୍ଷରୁ ତାଲିମ ଶିବିର ଆୟୋଜନ କରାଯାଇଛି। ଅନ୍ତେବାସୀଙ୍କୁ ଫୁଲଝାଡୁ ତିଆରି କରିବା ଆଳୁ, କନ୍ଦମୂଳ ଓ କଦଳୀ ଚିପ୍ସ ପ୍ରସ୍ତୁତ କରିବା ଶିକ୍ଷା ଦିଆଯାଉଛି। ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ତାଲିମ ଶିବିରକୁ ଉଦ୍‌ଘାଟନ କରିବା ସହ ଏପରି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଓରମାସ କଞ୍ଚାମାଲ ଯୋଗାଇ ଦେଉଥିବା ବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମିଶନ ଶକ୍ତି ଜରିଆରେ ଉତ୍ପାଦିତ ସାମଗ୍ରୀର ବିକ୍ରି ବ୍ୟବସ୍ଥା କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଓ ସାହେବ ସୂଚନା ଦେଇଛନ୍ତି। ୩ ଦିନ ଏହି ଶିବିର ଚାଲିବ। ଛତ୍ରପୁର ଜେଲରେ ଏବେ ୧୭୫ଜଣ ଅନ୍ତେବାସୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୪ ପୁରୁଷ ଓ ୬ ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଜେଲ ଅଧିକ୍ଷୀକା ଶୁଭସ୍ମିତା ବିଶ୍ୱାଳ କହିଛନ୍ତି। ଗଞ୍ଜାମ ହାଟ ଜରିଆରେ ଜେଲ ଅନ୍ତେବାସୀଙ୍କ ତିଆରି ଫୁଲଝାଡୁ, ଆଳୁ, କନ୍ଦମୂଳ ଓ କଦଳୀ ଚିପ୍ସ ମଧ ବିକ୍ରି କରାଯିବ। ଏହାଦ୍ୱାରା ବନ୍ଦୀ କିଛି ଉପାର୍ଜନ କରିବେ। ମୁକ୍ତ ହେବା ପରେ ଏହାକୁ ଜୀବିକା କରିପାରିବେ ବୋଲି ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଜ୍ୟୋତି ପ୍ରକାଶ ମହାନ୍ତି କହିଛନ୍ତି ।

# ୧୬ ରେ ଉପଭୋକ୍ତା ସଂଘର ବିକ୍ଷୋଭ

**ଟାଟା କମ୍ପାନୀ ଶୋଷଣ ବିରୋଧରେ ଆଲୋଚନା ସଭା**

**ବ୍ରହ୍ମପୁର ଅଫିସ,୭।୯**





ସଭାରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

ଟାଟା କମ୍ପାନୀ ଗ୍ରାହକ ଓ କର୍ମଚାରୀ ଶୋଷଣ ବିରୋଧରେ ବିଦ୍ୟୁତ୍ ଉପଭୋକ୍ତା ସଂଘ ଆସନ୍ତା ୧୬ ତାରିଖରେ ଟିପିଏସ୍‌ଓଡିଏଲ୍ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ। ଏ ନେଇ ରବିବାର ସଂଘ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ପରିସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତାପ ଚୌଧୁରୀ ସଭାପତିତ୍ୱ କରିଥିଲେ। ଉପଭୋକ୍ତା ସଂଘ ସଭାପତି ଅଳି କିଶୋର ପଟ୍ଟନାୟକ ଯୋଗଦେଇ ବିଦ୍ୟୁତ୍ କ୍ଷେତ୍ରରେ ଘରୋଇକରଣ ଯୋଗୁ ଗ୍ରାହକ ଓ କର୍ମଚାରୀମାନେ ହନ୍ତସନ୍ତ ହେଉଛନ୍ତି ବୋଲି କହିଥିଲେ। ଟାଟା କମ୍ପାନୀକୁ ରାଜ୍ୟ ସରକାର ୨୫ ବର୍ଷ ପାଇଁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହସ୍ତାନ୍ତର କରିବା ଯୋଗୁ କମ୍ପାନୀ ଶୋଷଣ ଆରମ୍ଭ କରିଛି। ବାରମ୍ବାର ଦରବୃଦ୍ଧି, ବିଜୁଳି କାଟ, ମନଇଚ୍ଛା ଫାଇନ ଆଦାୟ, ନିୟମିତ ବିଲ୍ ନ ଦେବା ଭଳି କାର୍ଯ୍ୟକରି ଗ୍ରାହକଙ୍କୁ ଶୋଷଣ କରୁଛି। ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସେବା ଯୋଗାଇ ଦେଇ ଆସୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ଗୋଟି ଶ୍ରମିକ ଭାବେ ଖଟାଇବାକୁ ଚକ୍ରାନ୍ତ କରୁଛି। ଏଣୁ ଆସନ୍ତା ୧୬ ତାରିଖରେ ଟିପିଏସ୍‌ଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘ ପ୍ରକାଶ କରିଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ପୀତବାସ ପଣ୍ଡା ଓ ଯୁଧିଷ୍ଠିର ବେହେରା, କୃଷକ ନେତା କୈଳାସ ଷଡଙ୍ଗୀ, ବସନ୍ତ ନନ୍ଦ, ହରିକୃଷ୍ଣ ରେଡ୍ଡୀ, ଭୋକାଲି ସେଠୀ ପ୍ରମୁଖ ଯୋଗଦେଇ ଥିଲେ।

## ବିଷ କ୍ରିୟାରେ ଛାତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୭।୯**

ବିଷକ୍ରିୟାରେ ଗୁରୁତର ଥିବା ଜଣେ ଛାତ୍ରୀଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣଙ୍କ କୋଦଳା ଥାନା ଅଞ୍ଚଳର ବୋଲି ଜଣାପଡିଛି। ମେଡିକାଲ ଫାଣ୍ଡି ପୋଲିସ ମଙ୍ଗଳବାର ମୃତଦେହ ଜବତ କରିଛି। ଏନେଇ ନଂ.୪୫୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଛାତ୍ରୀଜଣକ ଯୁକ୍ତ୨ ପଢୁଥିଲେ। କୌଣସି କାରଣକୁ କେନ୍ଦ୍ରକରି ତାଙ୍କ ମା' ସୋମବାର ତାଗିଦ କରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ବିଷ ପିଇ ଦେଇଥିଲେ। ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଗୁରୁତର ହେବାରୁ ସୋମବାର ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

## ଶାରୀରିକ ଶୋଷଣ ମାମଲାରେ ୪ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୭।୯**

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ମଙ୍ଗଳବାର ଏକ ଶାରୀରିକ ଶୋଷଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ ସମେତ ତାଙ୍କ ବାପା, ମା' ଓ ଭାଇଙ୍କୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ କାହ୍ନୁ ବେହେରା, ବାପା ସନିଆ ବେହେରା, ମା' ଲକ୍ଷ୍ମୀ ବେହେରା ଓ ଭାଇ ମିଥୁନ ବେହେରା। ୨୦୨୦ ମେ ୧୮ ରାତିରେ କାହ୍ନୁ ସାହିର ଜଣେ ୯ ବର୍ଷର ନାବାଳିକାଙ୍କୁ କୌଶଳକ୍ରମେ ଲୁଡୁ ଖେଳିବାକୁ ଘରକୁ ଡାକିଥିଲେ। ସେଠାରେ ସେ ତାଙ୍କୁ ଶାରୀରିକ ଶୋଷଣ କରିଥିଲେ। ପୀଡ଼ିତାଙ୍କ ବାପା ଓ ମା' ଏ ସମ୍ପର୍କରେ ଜାଣିବା ପରେ କାହ୍ନୁଙ୍କ ଘରକୁ ଯାଇ ତାଗିଦ କରିଥିଲେ। କାହ୍ନୁ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେହିପରି ତାଙ୍କ ବାପା ସନିଆ, ମା'ଲକ୍ଷ୍ମୀ ଓ ବଡ ଭାଇ ମିଥୁନ ମଧ କାତି ଦେଖାଇ ଥାନାରେ ଅଭିଯୋଗ ନ କରିବାକୁ ଧମକ ଦେଇଥିଲେ। ଥାନାରେ ଏନେଇ ଅଭିଯୋଗକ୍ରମେ ମୁଖ୍ୟ ଅଭିଯୁକ୍ତ କାହ୍ନୁଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ବାପା, ମା' ଓ ଭାଇଙ୍କୁ କୋର୍ଟରୁ ପରେ ଜାମିନ ମିଳିଥିଲା। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ଘଟଣା ପରଠାରୁ ମଣ୍ଡଳ କାରାଗାରରେ ଥିବା କାହ୍ନୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେହିପରି ଜାମିନରେ ଥିବା ତାଙ୍କ ବାପା, ମା' ଓ ଭାଇ ମଧ କୋର୍ଟରେ ହାଜର ହୋଇଥିଲେ। ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ବିଚାରପତି ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ୧୬ରୁ ସବୁ ବ୍ଲକରେ ବିକ୍ଷୋଭ

■ ମରୁଡ଼ିଗ୍ରସ୍ତ ଚାଷୀଙ୍କୁ ଦିଆଯାଉ କ୍ଷତିପୂରଣ

■ ସିପିଏମ୍ ଗଞ୍ଜାମ ଜିଲା କମିଟିର ଦାବି

**ବ୍ରହ୍ମପୁର ଅଫିସ,୭।୯**

ସିପିଏମ୍ ଗଞ୍ଜାମ ଜିଲା କମିଟିର ଦୁଇଦିନିଆ ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ବର୍ଷାଭାବ ଯୋଗୁ ସମଗ୍ର ଜିଲାରେ ଦେଖା ଦେଇଥିବା ତଳି ପୋଡ଼ି ଓ ଗଜା ମରୁଡ଼ି ଫଳରେ ଚାଷୀକୁଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହି ଜିଲାକୁ ସରକାର ତୁରନ୍ତ ମରୁଡ଼ି ଘୋଷଣା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଲାଗି ଦାବି ହୋଇଛି। ବୈଠକରେ ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିର ସେ କଡ଼ା ସମାଲୋଚନା କରିଥିଲେ।

ଚାଷୀଙ୍କ ବିପତ୍ତି ନେଇ ଏବଂ ଦାବି ହାସଲ ନିମନ୍ତେ ଜିଲା ବ୍ୟାପୀ ଆନ୍ଦୋଳନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି।

ବୈଠକ ଶେଷରେ ସୋମବାର ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ କହିଛନ୍ତି, ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ସରକାର ମାସିକ ସାଢ଼େ ୭ ହଜାର ଟଙ୍କା ଏବଂ ୧୦ କେଜି ଲେଖାଏ ଚାଉଳ ବା ଗହମ ଯୋଗାଇବାକୁ ପାର୍ଟି ଦାବି କରିଛି। ମହାମାରୀ କରୋନା ପ୍ରତିରୋଧ ନିମନ୍ତେ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ଟିକା ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ବର୍ଦ୍ଧିତ ବିଜୁଳି ଦର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଏବଂ ଅଘୋଷିତ ବିଦ୍ୟୁତ୍‌କାଟ ଓ ଲୋ–ଭୋଲଟେଜ ସମସ୍ୟାର ସମାଧାନ ଲାଗି ମଧ ସିପିଏମ୍ ଦାବି କରିଛି। ଗରିବଙ୍କୁ ଆର୍ଥିକ ଓ ଖାଦ୍ୟସାମଗ୍ରୀ ଅନ୍ୟୂନ ୬ ମାସ ଯୋଗାଇବାକୁ ପ୍ରସ୍ତାବ ଦିଆଯାଇଛି। ଦାବି ସମୂହ ହାସଲ ପାଇଁ ଆସନ୍ତା ୧୬ ତାରିଖରୁ ଜିଲାର ସବୁ ବ୍ଲକ ଅଫିସ ଆଗରେ ବିକ୍ଷୋଭ କରାଯିବାର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଏଥିରେ ରାମଚନ୍ଦ୍ର ନାୟକ, ଗୋପାଳ ପାଣିଗ୍ରାହୀ, ଯୁଧିଷ୍ଠିର ବେହେରା, ପି.ହରିକୃଷ୍ଣ ରେଡ୍ଡୀ, ବାସୁଦେବ ଗୌଡ଼ ଓ ନୀଳମଣି ଗୁରୁ ପ୍ରମୁଖ ବାମପନ୍ଥୀ ନେତା ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ହୋଇଥିବା ଆଲୋଚନାରେ ଭାଗ ନେଇଥିଲେ।

## ବିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**ବ୍ରହ୍ମପୁର ଅଫିସ୍,୭।୯**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଠାରେ ଥିବା ପ୍ରାୟ ୪ ଠେଲା ଗାଡି ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ନେଇ ବହୁବାର ଅଭିଯୋଗ ହୋଇ ଆସୁଥିଲା। ଉଠା ଦୋକାନୀଙ୍କ ଯୋଗୁ ଏଭଳି ସମସ୍ୟା ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ମଙ୍ଗଳବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କ ନିର୍ଦ୍ଦେଶ କ୍ରମେ ଏହି ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। ରାସ୍ତା ପ୍ରଶସ୍ତୀକରଣ ଓ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଗାଡ଼ିରୁ ଖସି ଆଇଟିଆଇ ଛାତ୍ର ମୃତ

**ବ୍ରହ୍ମପୁର ଅଫିସ,୭।୯**

ଗାଡ଼ିରୁ ଖସିପଡ଼ି ବ୍ରହ୍ମପୁର ସରକାରୀ ଆଇଟିଆଇର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଭଦ୍ରକ ଜିଲାର ଶାଶ୍ୱତ ଦାସ(୧୯) । ପୋଲିସ ବଡ ଡାକ୍ତରଖାନାରେ ପହଞ୍ଚି ଶାଶ୍ୱତଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଇଲେକ୍ଟ୍ରୋନିକ୍ସ ଟ୍ରେଡ ନେଇ ପଢୁଥିବା ଶାଶ୍ୱତ ଆଇଟିଆଇର ବାଳକ ହଷ୍ଟେଲରେ ରହୁଥିଲେ। ସୋମବାର ରାତି ପ୍ରାୟ ୯ଟାରେ ଆଇଟିଆଇ ନିକଟ ରାସ୍ତାରେ ଥିବା ଆଇଟିଆଇ କ୍ୟାଣ୍ଟିନ ଗାଡିରେ ଚଢୁଥିବା ବେଳେ ତଳକୁ ଖସି ପଡ଼ିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଛାତ୍ର ଓ କ୍ୟାଣ୍ଟିନ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଶ୍ୱାଶତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଆଇଟିଆଇର କେତେଜଣ ଶିକ୍ଷକ ଓ ମୃତକଙ୍କ ମା' ଡାକ୍ତରଖାନାରେ ପହଞ୍ଚିଥିଲେ। ଏ ନେଇ ଆଇଟିଆଇର ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀଙ୍କୁ ପଚରିବାରେ ଆଇଟିଆଇରେ ରାତି ୯ଟା ଯାଏ ପ୍ରଶିକ୍ଷଣ ଦିଆଯାଉଥିବାରୁ ହଷ୍ଟେଲ ଛାତ୍ରମାନେ ବାହାରେ ବୁଲୁଥିବା ବେଳେ ଏହି ଘଟଣା ଘଟିଥିବା କହିଛନ୍ତି ।

## ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ପ୍ରଧାନ ଶିକ୍ଷକ ଅଜିତ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଧରାକୋଟ,୭।୯(ଡି.ଏନ୍.ଏ.)**

ଜାତୀୟ ପୁରସ୍କାରପ୍ରାପ୍ତ ଛତ୍ରପୁର ବ୍ଲକ କଣମଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ କୁମାର ସେଠୀଙ୍କୁ ମଙ୍ଗଳବାର ଧରାକୋଟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ତମ ଶିକ୍ଷାଦାନ ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସେଠୀଙ୍କୁ ଗୁରୁ ଦିବସରେ ରାଷ୍ଟ୍ରପତି ସମ୍ମାନିତ କରିଥିଲେ। ସେଠୀଙ୍କ ଘର ଧରାକୋଟ ବ୍ଲକ ଜଗମୋହନ ପଞ୍ଚାୟତ ନନ୍ଦିଘର ଗ୍ରାମରେ। ସେ ଧରାକୋଟ ବ୍ଲକରୁ ପ୍ରାଥମିକ ଶିକ୍ଷକ ଭାବେ ବୃତ୍ତି ଆରମ୍ଭ କରିଥିଲେ। ତେଣୁ ବିଇଓ କାର୍ଯ୍ୟାଳୟରେ ଭାରପ୍ରାପ୍ତ ବିଡିଓ ସୁଶୀଲ କୁମାର ପଟ୍ଟନାୟକ, ଏବିଇଓ ପ୍ରଦୀପ କୁମାର ହୋତା ମିଳିତ ଭାବେ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ଭାସ୍କର ବାଡତ୍ୟା, ଶିକ୍ଷକ କୃଷ୍ଣଚନ୍ଦ୍ର ସାବତଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ। ଜନ୍ମମାଟିରେ ସମ୍ବର୍ଦ୍ଧିତ ହୋଇଥିବାରୁ ଅଜିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ରଥମରୁ ଦଶମ ଶ୍ରେଣୀ ଯାଏ ମାତ୍ର ୭ ଶିକ୍ଷକ

**ବ୍ରହ୍ମପୁର ଅଫିସ,୭।୯**



ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ।

**ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ**

ବ୍ରହ୍ମପୁରରେ ଥିବା ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ ୧୯୬୬ରେ ଆରମ୍ଭ ହୋଇଥିବା ବେଳେ ୨୦୦୪ରେ ସରକାରୀ ମାନ୍ୟତା ମିଳିଥିଲା। ଏହି ଉଚ୍ଚ ବିଦ୍ୟାଳୟରେ ବର୍ତ୍ତମାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଯୋଗୁ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ସେହିପରି କ୍ରୀଡ଼ା ଲାଗି ନିଜସ୍ୱ ଖେଳ ପଡ଼ିଆ ନାହିଁ। ବିଦ୍ୟାଳୟ ପରିସର ମଧ ବହୁତ ସଂକୀର୍ଣ୍ଣ ରହିଛି। ଯାହାଦ୍ୱାରା ପାର୍କିଂ ଏବଂ ପ୍ରାର୍ଥନା ନିମନ୍ତେ ମଧ ସ୍ଥାନ ଅଭାବ ରହୁଛି। ଏହି ବିଦ୍ୟାଳୟଟି କୋର୍ଟପେଟା ସ୍କୁଲ ଭାବେ ବେଶ୍ ପରିଚିତ। ୨୦୧୮ରେ ସ୍କୁଲ ମିଶ୍ରଣ ପ୍ରକ୍ରିୟାରେ ଏହା ପରିସରରେ ଥିବା ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ ହୋଇଥିଲା। ବର୍ତ୍ତମାନ ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷାଦାନ ହେଉଛି। ମାତ୍ର ୯ ଜଣ ସ୍ଥାୟୀ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଗତ ୩ ବର୍ଷ ମଧ୍ୟରେ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟାଳୟ ମିଶ୍ରଣ ପରେ ୨୦୧୯–୨୦ ଶିକ୍ଷାବର୍ଷରେ ୨୧୬ ବିଦ୍ୟାର୍ଥୀ ଆଡ୍‌ମିଶନ କରିଥିଲେ । କରୋନା ମହାମାରୀ କାରଣରୁ ୨୦୨୦–୨୧ରେ ଏହି ସଂଖ୍ୟା ୨୦୪ରେ ସୀମିତ ରହିଥିଲେ ସୁଦ୍ଧା ଚଳିତ ବର୍ଷ ପୁଣି ୨୦୨୧–୨୨ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୪୧ ରହିଛି। ଏତେ ସଂଖ୍ୟକ ଛାତ୍ରୀଛାତ୍ର ନିମନ୍ତେ ୧୪ ଶ୍ରେଣୀ ଗୃହ ରହିଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ସୁଦ୍ଧା ଶିକ୍ଷକ ପଦବୀ ଖାଲି ପଡ଼ିଛି । ୨୦୦୪ରେ ସରକାରୀ ସ୍କୁଲ ମାନ୍ୟତା ପାଇବା ପୂର୍ବରୁ ଏହି ସ୍କୁଲରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଥିଲେ। ବର୍ତ୍ତମାନ ପ୍ରଧାନ ଶିକ୍ଷୟିତ୍ରୀ କେ.ସୁଜାତା କୁମାରୀ ସୁବୁଦ୍ଧିଙ୍କ ବ୍ୟତୀତ ଗଣିତ ଓ ବିଜ୍ଞାନରେ ଜଣେ ଲେଖାଏ ଶିକ୍ଷକ ନିଯୁକ୍ତ ଥିବା ବେଳେ ହିନ୍ଦୀ, ସଂସ୍କୃତ ପଢ଼ାଇବା ପାଇଁ ୨, କଳା ଶିକ୍ଷକ ୨ ଏବଂ ଜଣେ ମାତ୍ର ପିଇଟି ଅଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣ ପ୍ରାଥମିକ ଶିକ୍ଷକ । ଅଳ୍ପ ଶିକ୍ଷକଙ୍କୁ ନେଇ ବର୍ତ୍ତମାନ ପାଠପଢ଼ା ନିମନ୍ତେ ବହୁ ଅସୁବିଧା ହେଉଛି। ଯଦି ପ୍ରଥମରୁ ଦଶମ ପର୍ଯ୍ୟନ୍ତ ସ୍କୁଲ ଖୋଲିଯାଏ ତେବେ କିଭଳି ଭାବେ ଏଠାରେ ପାଠପଢ଼ା ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଛାତ୍ରୀଛାତ୍ରଙ୍କ ସାଇକେଲ ରଖିବା ନିମନ୍ତେ ମଧ ପାର୍କିଂ ସ୍ଥାନ ଅଭାବ ରହିଛି। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପାଇଁ ବିଦ୍ୟାଳୟ ପକ୍ଷରୁ ବ୍ରହ୍ମପୁର ଷ୍ଟାଡିୟମ କିମ୍ବା ଖଲ୍ଲିକୋଟ କଲେଜ ଖେଳ ପଡ଼ିଆ ଉପରେ ନିର୍ଭର କରିବାକୁ ହୁଏ। ଏହା ବ୍ୟତୀତ ପିଲାଙ୍କ ପ୍ରାର୍ଥନା କରିବାରେ ମଧ ଅସୁବିଧା ହେଉଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ବିଭିନ୍ନ ଅସୁବିଧା ନେଇ ପ୍ରଧାନ ଶିକ୍ଷୟିତ୍ରୀ କେ.ସୁଜାତା କୁମାରୀଙ୍କ ସହ ଯୋଗାଯୋଗ କରିବାରୁ ବିଦ୍ୟାଳୟର ଅସୁବିଧା ସମ୍ପର୍କରେ ବହୁବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। କରୋନା ଯୋଗୁ ପାଠପଢ଼ା ନିମନ୍ତେ ୨ ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସ୍କୁଲ ଖୋଲିଲେ ଆବଶ୍ୟକ ସ୍ଥଳେ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ବ୍ୟତୀତ ବିଦ୍ୟାଳୟର ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ମଧ ବହୁବାର ଜଣାଯାଇଛି। କିନ୍ତୁ ଏହାର ସମାଧାନ ବର୍ତ୍ତମାନ ସୁଦ୍ଧା ହୋଇପାରି ନାହିଁ ବୋଲି ସେ କହିଛନ୍ତି ।

# କ୍ୱାକ୍‌ଙ୍କ ରୋଗୀସେବା ବଢୁଛି

- ଘରକୁ ଘର ବୁଲି ଯୋଗାଉଛନ୍ତି ସ୍ୱାସ୍ଥ୍ୟସେବା
- ବାକିରେ ଦେଉଛନ୍ତି ଔଷଧ, ଇଞ୍ଜେକ୍ସନ
- ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାନ୍ତି ଅପହଞ୍ଚ ଇଲାକାର ରୋଗୀ

**ନୟାଗଡ଼ ଅଫିସ,୭।୯:**

ବଣପାହାଡ଼ ଘେରା ନୟାଗଡ଼ ଜିଲାରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ବି ଅପାଠୁଆ ଡାକ୍ତର (କ୍ୱାକ୍)ଙ୍କ ଚାହିଦା ବଢ଼ି ଚାଲିଛି । ସେମାନେ ଘରକୁ ଘର ବୁଲି ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି । ଟଙ୍କା ନ ଥିଲେ ବି ରୋଗ ଭଲ ହେଲେ ଦେବ କହି ଔଷଧ, ଇଞ୍ଜେକଶନ ଦେଉଛନ୍ତି । ଗାଁଠାରୁ ସହର ପର୍ଯ୍ୟନ୍ତ ଏପରି ଡାକ୍ତର ନିଜର ମିଛ ପରିଚୟ ସୃଷ୍ଟି କରି ଭଲ ରୋଜଗାର କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ଏପରି ନକଲି ଡାକ୍ତରଙ୍କୁ ଧରିବାରେ ବ୍ୟର୍ଥ ହେଉଥିବା ଅଭିଯୋଗ ହୋଇଛି ।

ସରକାର ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି । ହେଲେ ଗାଁ ଓ ସହରରେ ଏପରି ନକଲି ଡାକ୍ତରଙ୍କୁ ରାତି ପାହିଲେ ଖୋଜା ପଡୁଛି । ସ୍ୱାସ୍ଥ୍ୟ ବିଭାଗର କୌଣସି ତ୍ରୁଟି ନକଲି ଡାକ୍ତରଙ୍କ ଲୋକପ୍ରିୟତା ବଢ଼ାଇବାରେ ସହଯୋଗ କରୁଛି । ହେଲେ ସରକାର ଓ ପ୍ରଶାସନ ଏହାର କାରଣ ଖୋଜୁ ନାହାନ୍ତି । ଫଳରେ ନକଲି ଡାକ୍ତରଙ୍କ ସ୍ୱାସ୍ଥ୍ୟସେବାରେ ରୋଗୀଙ୍କ ମୃତ୍ୟୁ ଘଟିଲେ ବି ଅଭିଯୋଗ ନ ଥିବାରୁ ଚପି ଯାଉଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ଏପରି ଗାଁ ଅଛି ଯେଉଁଠି କି ଏଯାବତ ରାସ୍ତା ନାହିଁ । ସେହି ଗାଁରେ ସ୍ୱାସ୍ଥ୍ୟସେବା ସ୍ୱପ୍ନ। ଗାଁ ଠାରୁ ୨୦ରୁ ୪୦ କିମି ଦୂରକୁ ଆସିଲେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ହେଲେ ସେହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସୁ ନ ଥିବାରୁ ଲୋକେ ହତାଶ ହୋଇ ଫେରୁଛନ୍ତି । ଅଧିକାଂଶ ଗାଁରେ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଡାକ୍ତର ନାହାନ୍ତି । ଏହାର ଫାଇଦା ନେଉଛନ୍ତି କ୍ୱାକ୍ । ନୂଆଗାଁ ବ୍ଲକର ଡିମିରିପଲ୍ଲୀ, ଖାଲମଡା, ଗୁମ ଓ କାପ୍ତାପଲ୍ଲୀ, ଭାପୁର ବ୍ଲକର ବଡସରା, ଭଗବାନପୁର, ବାଇଗୁଣିଆ, ବାଘୁଆପଲ୍ଲୀ, ବନ୍ଧଦ୍ୱାର, ନିମାଣୀ, ଦଶପଲ୍ଲା ବ୍ଲକର ଟାକରା, ବୁଗୁଡା ବାଣିଗୋଛା, ପୋଖରୀଗୋଛା, ଚଢ଼େୟାପଲ୍ଲୀ, ଚିନାପହଁରା, ନୂଆଗାଁ, ଡିହଗାଁ, ମଧ୍ୟଖଣ୍ଡ ଅଞ୍ଚଳରେ ଅପାଠୁଆ ଡାକ୍ତର ଗାଁ ଗାଁ ବୁଲି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି । ରଣପୁର ବ୍ଲକର ବନ୍ଦମୁଣ୍ଡା, ନେଳିପଡ଼ା, ରାଇପଡ଼ା, ଓଡ଼ଗାଁ ବ୍ଲକର ବାଣ୍ଟପୁର, ଜାକେଡା, କୋମଣ୍ଡା, ଭୋବସର ଅଞ୍ଚଳରେ ଅପାଠୁଆ ଡାକ୍ତର ଘୁରି ବୁଲୁଛନ୍ତି । ଗଣିଆ ବ୍ଲକର ଗଣିଆ, ଛାମୁଣ୍ଡିଆରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ଗଣିଆ, ଛାମୁଣ୍ଡିଆ, ରାସଙ୍ଗ, ବଡସିଲିଙ୍ଗା ଅଞ୍ଚଳରେ କ୍ୱାକଙ୍କ ରାଜୁତି ବଢୁଛି ।

ଏନେଇ ବଡସିଲିଙ୍ଗାର ସୀତା ପ୍ରଧାନ କୁହନ୍ତି, ଆମ ଗାଁ ଓ ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଆଦୌ ନାହିଁ । ଗାଁରୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ହେଲେ ୨୫ରୁ ୩୦ କିମି ଓ ଗଣିଆ ଯିବାକୁ ହେଲେ ୪୦ କିମି ରାସ୍ତା ଅତିକ୍ରମ କରିବାକୁ ପଡେ । ପୁଣି ସେହି ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ କଷ୍ଟରେ ପହଞ୍ଚିଲା ବେଳେକୁ ଡାକ୍ତର ନ ଥିବେ । ଜଣେ ରୋଗୀ ସେଠାରେ ବହୁ ସମୟ ଅପେକ୍ଷା କରିବା କଷ୍ଟକର । ଏଭଳିସ୍ଥଳେ କ୍ୱାକ୍‌ମାନେ ଆମକୁ ଭଲ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି । ସେମାନେ ଡାକ୍ତର ନୁହନ୍ତି, କିନ୍ତୁ ଡାକ୍ତରଙ୍କ ଠାରୁ ଅଧିକ ସେବା ଦେଇଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତରମାନେ ସରକାରଙ୍କଠାରୁ ଦରମା ପାଇଥିଲେ ମଧ ରୋଗୀଙ୍କୁ ସେବା କରିବାକୁ ପଛଘୁଞ୍ଚା ହେଉଛନ୍ତି। ନକଲି ଡାକ୍ତରମାନେ ଘରେ ପହଞ୍ଚି ଆବଶ୍ୟକ ଔଷଧ ଓ ଇଞ୍ଜେକଶନ ଦେଉଛନ୍ତି। ପଛେ ଆସି ସୁବିଧା ଅନୁସାରେ ସେମାନଙ୍କ ପ୍ରାପ୍ୟ ନେଉଛନ୍ତି। ସେମାନେ ଆମକୁ ଠକୁଥିବା ଜାଣିଲେ ବି ତ୍ୱରିତ ସେବା ଯୋଗୁ ଆମେ ପ୍ରତିବାଦ କରୁନାହୁଁ । ସେମାନେ ନେଉଥିବା ଟଙ୍କା ୩୦ରୁ ୪୦ କିମି ଯାଇ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଠାରୁ ବହୁତ କମ୍ ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ଜିଲାପାଳ ପୋମା ଟୁଡୁ କୁହନ୍ତି, ଭ୍ରୁଣହତ୍ୟାକୁ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉଛି । ଚଢ଼ାଉ ଜାରି ରହିଛି । ପୁଣି ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବାକୁ ପ୍ରଶାସନ ଗୁରୁତ୍ୱ ଦେଇଛି । ନକଲି ଡାକ୍ତର ଧରପଗଡ଼ ଅଭିଯାନ ଚାଲୁ ରହିଛି ।

## ବଙ୍ଗାଳୀ କ୍ଲିନିକ୍‌ରେ ରୋଗୀଙ୍କ ଭିଡ଼

ପଶ୍ଚିମବଙ୍ଗରୁ ଆସିଥିବା ବହୁ ଲୋକ ବିଭିନ୍ନ ଗାଁରେ କ୍ଲିନିକ୍ ଖୋଲିଛନ୍ତି । ଏହି କ୍ଲିନିକଗୁଡ଼ିକ ରାଜ୍ୟ ସରକାରଙ୍କ ଲାଇସେନ୍ସ ପାଇ ନ ଥିଲେ ମଧ୍ୟ ଏହାର ମାଲିକ ନିଜକୁ ଡାକ୍ତର ବୋଲି ଦାବି କରୁଛନ୍ତି । ଏପରକି କେତେକ କ୍ଲିନିକ ସମ୍ମୁଖରେ ପ୍ରମାଣ ପତ୍ର ବି ଝୁଲୁଛି । ସେହି ପ୍ରମାଣପତ୍ର ଅସଲି କି ନକଲି ସ୍ପଷ୍ଟ ହୋଇନାହିଁ । ତଥାପି ସେହି କ୍ଲିନିକ୍‌ରେ ରୋଗୀଙ୍କ ଭିଡ ଜମୁଛି । ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଜିଲାରେ ୧୪ଟି ସରକାରୀ ସ୍ୱୀକୃତିପ୍ରାପ୍ତ ଘରୋଇ ହସ୍ପିଟାଲ ଥିବାବେଳେ ସେଥିରୁ ୨ଟି ସିଲ୍ ହୋଇ ସାରିଛି । ଏହାର ସୁଯୋଗ ପଶ୍ଚିମବଙ୍ଗରୁ ଆସିଥିବା କ୍ୱାକ୍‌ମାନେ ନେଉଛନ୍ତି । ଜିଲାର ରଣପୁର ବ୍ଲକର ମହୁଲିଆ, ଦର୍ପନାରାୟଣପୁର, ନୂଆଗାଁ ବ୍ଲକର ଖାଲମଡା ଓ କୋରଡା ପରି ଗାଁରେ ଏପରି କ୍ଲିନିକ୍ ଖୋଲିଛି । ଯାହା ସ୍ଥାନୀୟ ଲୋକଙ୍କ ପାଖରେ ବଙ୍ଗାଳୀ କ୍ଲିନିକ୍ ନାମରେ ପରିଚୟ ସୃଷ୍ଟି କରିଛି ।

## ସଂକ୍ଷେପରେ

### ଘରୁ ଅଜଗର ଉଦ୍ଧାର



**ଓଡ଼ଗାଁ,୭।୯(ସ୍ୱ.ପ୍ର.):** ମଙ୍ଗଳବାର ଓଡ଼ଗାଁ ବନାଞ୍ଚଳ ଅଧୀନ ସ୍ନେକ ହେଲ୍ପ ଲାଇନ ସଦସ୍ୟମାନେ ଏକ ଦଶ ଫୁଟିଆ ଅଜଗର ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି । ନିକଟସ୍ଥ ଜାମୁସାହି ଛକରେ ଥିବା ଏକ ଘରେ ଏହି ସାପଟି ରହିଥିଲା । ଏସଂକ୍ରାନ୍ତରେ ହେଲ୍ପ ଲାଇନ ସଦସ୍ୟମାନେ ଖବର ପାଇବା ପରେ ଅଜଗରକୁ ଉଦ୍ଧାର କରିଥିଲେ ।

### ଗଣଶିକ୍ଷକଙ୍କୁ ନିୟମିତ କରିବାକୁ ଦାବି

**ନୟାଗଡ଼ ଅଫିସ,୭।୯:** ନୟାଗଡ଼ ଜିଲାର ୮୨ଜଣ ଗଣଶିକ୍ଷକଙ୍କୁ ନିୟମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ରାଜ୍ୟରେ ୨୨ ହଜାର ୫୧୨ ଗଣଶିକ୍ଷକଙ୍କ ମଧ୍ୟରୁ ୧୮ ହଜାର ୪୧୪ ନିୟମିତ ହୋଇ ସାରିଛନ୍ତି । କିନ୍ତୁ ନୟାଗଡ଼ ଜିଲାରେ ୮୨ ଜଣ ଗଣଶିକ୍ଷକ ନିୟମିତ ହୋଇ ପାରିନାହାନ୍ତି। ବାଦ୍ ପଡିଥିବା ଗଣଶିକ୍ଷକଙ୍କୁ ନିୟମିତ କରାଯିବାକୁ ଦାବି କରାଯାଇଛି । ଏସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗଣଶିକ୍ଷକମାନେ ଅନୁରୋଧ କରିଛନ୍ତି ।

### ବିଶିଷ୍ଟ କଂସାପିତଳ କାରିଗରଙ୍କ ପରଲୋକ



**ଖଣ୍ଡପଡ଼ା,୭।୯(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ହାଟମୁଣ୍ଡପାଟଣା ଗ୍ରାମର ବିଶିଷ୍ଟ କଂସାପିତଳ କାରିଗର ଗୋକୁଳାନନ୍ଦ ମହାରଣା(୬୭)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ପରଲୋକ ହୋଇଯାଇଛି । ଗୋକୁଳାନନ୍ଦ ଜଣେ ସୁନାମଧନ୍ୟ କାରିଗର ଭାବେ ପରିଚିତ ଥିଲେ । ପିତଳ, ତମ୍ବାର ନାଗମୂର୍ତ୍ତି, ବିଭିନ୍ନ ପୂଜା ସାମଗ୍ରୀ, ଦେବାଦେବୀ ମୂର୍ତ୍ତି ତିଆରି କରି ସେ ସୁନାମ ଅର୍ଜନ କରିଥିଲେ । ଏଥିସହିତ ସେ ପୋଥିରୁ ସଂଗୃହିତ ତଥ୍ୟକୁ ଆଧାର କରି ପୁତ୍ର ସନ୍ତାନ ହେଉ ନ ଥିବା ଦମ୍ପତିଙ୍କୁ ପରାମର୍ଶ ଦେଉଥିଲେ । ଫଳରେ ବହୁ ଦମ୍ପତି ପୁତ୍ର ସନ୍ତାନ ଲାଭ କରୁଥିବା ସ୍ଥାନୀୟ ଲୋକମାନେ କହିଛନ୍ତି । ମଙ୍ଗଳବାର ପ୍ରାୟ ସାଢେ ୫ଟା ସମୟରେ ସେ ସାହି ଲୋକଙ୍କ ସହ ବସି କଥାବାର୍ତ୍ତା କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବି




କୈବଲ୍ୟଗିରି ମଠରୁ ବାହାରି ଥିବା ସାଧୁସନ୍ଥଙ୍କ ଶୋଭାଯାତ୍ରା ।

- ବାହାରିଲା ସାଧୁସନ୍ଥଙ୍କ ଶୋଭାଯାତ୍ରା
- ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଦଶପଲ୍ଲା,୭।୯(ଡି.ଏନ.ଏ.)**

ସର୍ବଭାରତୀୟ ସାଧୁସନ୍ଥ ସମ୍ମିଳନୀ ପକ୍ଷରୁ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମଙ୍ଗଳବାର ଭାରତୀୟ ସାଧୁସନ୍ଥ ସମ୍ମିଳନୀ ରାଜ୍ୟ ସଙ୍ଗଠନର ସନ୍ଥ ବାବା ଲଳିତ ଦାସଙ୍କ ନେତୃତ୍ୱରେ ଶତାଧିକ ସାଧୁସନ୍ଥ ଦଶପଲ୍ଲାର କୈବଲ୍ୟଗିରି ମଠରୁ ଶୋଭାଯାତ୍ରାରେ ଆସି ଦଶପଲ୍ଲା ତହସିଲଦାରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ । ସାଧୁସନ୍ଥଙ୍କ କହିବା କଥା ଭାରତକୁ ହିନ୍ଦୁସ୍ଥାନ କେବଳ କଥାରେ କୁହାଯାଉଛି, ବାସ୍ତବରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ତେଣୁ ଆଇନତଃ ଭାରତକୁ ହିନ୍ଦୁରାଷ୍ଟ୍ର ଭାବେ ଘୋଷଣା କରାଯାଉ । କେନ୍ଦ୍ର ସରକାର ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ଦରକାର । ଏହି ଶୋଭାଯାତ୍ରାରେ କୃଷ୍ଣ ମହାରାଜ,ରାଜକିଶୋର ବାବା,ବିକ୍ରମ ଗିରି ବାବା, ଜଟିଆ ବାବା, ରମେଶ ବାବା,ଭିକାରୀ ବାବା ପ୍ରମୁଖ ଶତାଧିକ ସାଧୁସନ୍ଥ ସାମିଲ ହୋଇଥିଲେ ।

## ଅଣ୍ଡା, ଛତୁଆ ମିଳୁନାହିଁ ଉପଜିଲାପାଳଙ୍କୁ ଫେରାଦ ହେଲେ ମହିଳା

**ନୟାଗଡ଼ ଅଫିସ,୭।୯**

ସରକାର ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କେତେଜଣ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏଥିରେ ସଫଳତା ମିଳୁ ନ ଥିବା ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ନୟାଗଡ଼ ବ୍ଲକ ମାଛିପଡ଼ାର ୭ ନଂ. ୱାର୍ଡରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର(କ)ରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଅଣ୍ଡା, ଛତୁଆ, ଚାଉଳ, ଡାଲି, ପନିପରିବା ଠିକ୍‌ରେ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଅଭିଯୋଗ କଲେ କେନ୍ଦ୍ରକୁ ଆସୁନି ବୋଲି ଉତ୍ତର ମିଳୁଛି । ଏନେଇ ଗାଁର ମହିଳାମାନେ ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହ ଏହି ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି । ଏନେଇ ଅଙ୍ଗନୱାଡ଼ି କର୍ମୀଙ୍କୁ ପଚାରିବାରୁ ସେ କୁହନ୍ତି, ସରକାରଙ୍କ ତରଫରୁ ଯେତେବେଳେ ଯାହା ଆସୁଛି ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଦିଆଯାଉଛି । ସବୁ କିଛି ଠିକ୍ ଚାଲିଛି ।

## ପରିବେଶ ସୁରକ୍ଷା ପାଇଁ ପ୍ରୟାସ

### ଆମ୍ବ ତୋରଣ,ମାଟି ମୂର୍ତ୍ତି ପୂଜା ବନ୍ଦ ପାଇଁ ସଚେତନତା

**ନୟାଗଡ଼ ଅଫିସ,୭।୯:**

ପରିବେଶର ସୁରକ୍ଷା ପାଇଁ ଆମ୍ବତୋରଣ ଓ ମାଟି ମୂର୍ତ୍ତି ପୂଜା ବନ୍ଦ କରିବାକୁ ପରିବେଶବିତ୍ ତଥା କଣ୍ଟିଲୋର ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ସଚେତନତା ସୃଷ୍ଟି କରୁଛନ୍ତି । ଗଣେଶ ପୂଜା, ସରସ୍ୱତୀ ପୂଜା, ହୋମ ଯଜ୍ଞ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମ୍ବ ତୋରଣ ଓ ଆମ୍ବପତ୍ରରେ ସାଜସଜା କରାଯାଉଛି। ଏହା ଦ୍ୱାରା ଆମ୍ବଗଛ ପ୍ରତି ବିପଦ ସୃଷ୍ଟି ହୋଇଛି । ଧିରେ ଆମ୍ବଗଛ ସଂଖ୍ୟା କମିବାରେ ଲାଗିଛି । ନୂଆ ଗଛ ରୋପଣ କରାଯାଉନାହିଁ। ରୋପଣ କରାଗଲେ ଗଛ ବଡ଼ ହେଲା ବେଳକୁ କ୍ୱଚିତ ଗଛ ବଞ୍ଚୁଛି । ଏଭଳିସ୍ଥଳେ ପୂଜାପାର୍ବଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଉଳ ହୋଇଥିବା ଆମ୍ବପତ୍ରକୁ ଛିଣ୍ଡାଇ ଅଣାଯାଉଛି । ଏହାଦ୍ୱାରା ଗଛ ଉପରେ ପ୍ରଭାବ ପଡୁଛି । ଏଣୁ ଆମ୍ବପତ୍ର ବଦଳରେ ରଙ୍ଗୀନ କାଗଜରେ ସାଜସଜା କରିବାକୁ ସେ ନିବେଦନ କରିଛନ୍ତି। ସେହିପରି ମାଟିମୂର୍ତ୍ତି ପୂଜା କରି ପୋଖରୀରେ ବିସର୍ଜନ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ଏଣୁ ମାଟି ମୂର୍ତ୍ତି ବଦଳରେ ମାଟିର ପୋଡ଼ା ମୂର୍ତ୍ତି, ସିମେଣ୍ଟ ମୂର୍ତ୍ତି ପୂଜା କରାଯାଉ । ନଚେତ୍ ଠାକୁରଠାକୁରାଣୀଙ୍କ ପ୍ରତିମା ଓ ଫଟୋ ପୂଜା କରିବାକୁ ସେ ଅନୁରୋଧ କରିଛନ୍ତି । ଏନେଇ ଗଛସାର ପରିବେଶ ପ୍ରେମୀ, ଜଙ୍ଗଲ ସୁରକ୍ଷା ସମିତି, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ, ବନବିଭାଗ, ବରିଷ୍ଠ ନାଗରିକ, ଯୁବତୀଯୁବକଙ୍କୁ ସଚେତନ କରାଇଛନ୍ତି ।




ଗଛସାର ସଚେତନତା ସୃଷ୍ଟି ପାଇଁ ଲେଖିଥିବା ବାର୍ତ୍ତା ।

# ଗଞ୍ଜେଇ ବ୍ୟବସାୟୀ ଜେଲ ଗଲେ

### ୪ ଚକିଆ ଗାଡ଼ି, ୩୨ ହଜାର ଟଙ୍କା ଜବତ

**ନୟାଗଡ଼ ଅଫିସ/ଓଡ଼ଗାଁ,୭।୯(ସ୍ୱ.ପ୍ର.)**



ଗିରଫ ସନ୍ତୋଷ ପାତ୍ର।

ଓଡ଼ଗାଁ ଟାଉନ ଥାନା ପୋଲିସ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ରଗଡିମଡା ଗାଁର ସନ୍ତୋଷ ପାତ୍ର(୪୦)ଙ୍କୁ ନୟାଗଡ଼ ସବ୍‌ଜେଲକୁ ମଙ୍ଗଳବାର ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁସାରେ ସନ୍ତୋଷ ଗଞ୍ଜେଇ ବ୍ୟବସାୟ କରନ୍ତି । ସନ୍ତୋଷଙ୍କୁ ଧରିବା ପାଇଁ ଓଡ଼ଗାଁ ପୋଲିସ ସୋମବାର ଲୁଚି ରହିଥିଲା । ସୋମବାର ଅପରାହ୍ନରେ ଏକ ଗାଡ଼ିରେ ସନ୍ତୋଷ ଆସୁଥିବା ସୂଚନା ପାଇଁ ପୋଲିସ ସେହି ଗାଡ଼ିକୁ ଅଟକାଇ ତାଙ୍କୁ ଗିରଫ କରିଥିଲା। ତାଙ୍କ ପାଖରୁ ୩୨ ହଜାର ଟଙ୍କା ଜବତ ହୋଇଛି । ଜବତ ୪ ଚକିଆ ଗାଡ଼ିରେ ବାଇକ୍ ନମ୍ବର ଲେଖାଯାଇଛି । ଅନ୍ୟପକ୍ଷେ ଜବତ ଟଙ୍କାର ହିସାବ ସନ୍ତୋଷ ଦେଇ ପାରି ନାହାନ୍ତି ବୋଲି ପୋଲିସ କହିଛି । ପୂର୍ବରୁ ସନ୍ତୋଷଙ୍କ ନାମରେ ଏକ ମାମଲା ରହିଛି।

# କଙ୍ଗାରୁ କୋର୍ଟ ନିର୍ଦ୍ଦେଶକୁ ବିରୋଧ

### କୋର୍ଟଙ୍କ ନିର୍ଦ୍ଦେଶରେ ରୁଜୁ ହେଲା ମାମଲା

**ନୟାଗଡ଼ ଅଫିସ,୭।୯:**

ବାସନ୍ଦ ପରିବାରର ଜଣେ ସଦସ୍ୟଙ୍କ ସହ କଥାବାର୍ତ୍ତା କରିବା ମହଙ୍ଗା ପଡ଼ିଲା। ଏନେଇ ନୟାଗଡ଼ ସଦର ଥାନା ଗୋଳଗୋଳା ଉପରସାହିର ଚିରଞ୍ଜିବୀ ପ୍ରଧାନଙ୍କ ପରିବାର ବାସନ୍ଦ ହୋଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଥାନାରୁ ନ୍ୟାୟ ନ ପାଇ ଚିରଞ୍ଜିବୀ କୋର୍ଟରେ ଆଶ୍ରୟ ନେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି ।

ଅଭିଯୋଗ ଅନୁଯାୟୀ, ଗୋଳଗୋଳା ଗାଁର ଶ୍ରୀଧର ପ୍ରଧାନଙ୍କୁ ନିଆଁପାଣି ବାସନ୍ଦ କରାଯାଇଥିଲା । ଶ୍ରୀଧର କୌଣସି କାମରେ ନୂଆଗାଁ ବ୍ଲକ ଯାଇଥିଲେ । ସେଦିନ ଚିରଞ୍ଜିବୀ ଶ୍ରୀଧରଙ୍କୁ ଦେଖି ଗାଁଲୋକ ହିସାବରେ କଥାବାର୍ତ୍ତା କରିଥିଲେ । ବାସନ୍ଦ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିଥିବା ଚିରଞ୍ଜିବୀଙ୍କ ଭୁଲକୁ ନେଇ ଗାଁରେ କଙ୍ଗାରୁ କୋର୍ଟ ବସିଥିଲା । ଚିରଞ୍ଜିବୀଙ୍କୁ ପ୍ରଥମେ ୨୫ ହଜାର ଓ ପରେ ୫୦ ହଜାର ଟଙ୍କା ଜରିମାନା କରାଯାଇଥିଲା । ଗରିବ ଲୋକ ଏତେ ଟଙ୍କା ଦେବା ସମ୍ଭବ ନୁହେଁ କହିବାରୁ ତାଙ୍କ ଘର ଆଗରେ କଣ୍ଟା ପକାଇ ଦିଆଯାଇଥିଲା । ଏହାପରେ ନିଆଁ ପାଣି ବନ୍ଦ ରଖାଯାଇ ବାସନ୍ଦ କରାଯାଇଥିଲା । ଏପରିକି ଅଙ୍ଗନୱାଡି କେନ୍ଦ୍ରରୁ ମିଳୁଥିବା ଅଣ୍ଡା ଛତୁଆ ମଧ ତାଙ୍କ ପରିବାରର ଶିଶୁମାନଙ୍କୁ ଦିଆଗଲା ନାହିଁ । ବାସନ୍ଦ ପରେ ଗାଁରେ ଚଳିବା କଷ୍ଟକର ହୋଇଥିଲା। ନିର୍ଯାତନା ବଢ଼ିବା କାରଣରୁ ଅଗଷ୍ଟ ୮ରୁ ଚିରଞ୍ଜିବୀଙ୍କ ପରିବାର ଗାଁ ଛାଡିଥିଲେ । ଏନେଇ ଚିରଞ୍ଜିବୀ ପ୍ରଧାନ କୁହନ୍ତି, ମୋତେ ନ୍ୟାୟ ଦିଆଯାଉ । ବାସନ୍ଦ ବ୍ୟାଧି ବଡ କଷ୍ଟ । ଭୂଲ ନ କରି ଦଣ୍ଡ ପାଇବା ଅନ୍ୟତମ କଷ୍ଟ ବୋଲି ସେ କହିଛନ୍ତି । ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତ ରାୟ କହିଛନ୍ତି, ଚିରଞ୍ଜିବୀ ବାସନ୍ଦ ନେଇ ଥାନାରେ କୌଣସି ଅଭିଯୋଗ କରି ନ ଥିଲେ। ଅଗଷ୍ଟ ୩୧ରେ କୋର୍ଟ ନିର୍ଦ୍ଦେଶ ମୁତାବକ ଏକ ମାମଲା(ନଂ.୧୩୫/୨୧) ରୁଜୁ ହୋଇ ତଦନ୍ତ ଚାଲୁ ରହିଛି ।

# ବର୍ଷାଜଳରେ ବୁଡ଼ି ରହିଛି ୧୨ଶହ ଏକର ଜମିର ଫସଲ

- ଚେକ୍‌ଡ୍ୟାମ୍ ସ୍ଲୁଇସ୍ ଗେଟ୍ ବନ୍ଦ
- ନିଷ୍କାସନ ହୋଇପାରୁନାହିଁ ବର୍ଷାଜଳ
- ବ୍ୟାପକ ଫସଲହାନୀ ଆଶଙ୍କା

**ଖଣ୍ଡପଡ଼ା,୭।୯(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଘଣାଶାଳିଆ ଓ କୁମୁଣ୍ଡି ଅଞ୍ଚଳରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ୍‌ର ସ୍ଲୁଇସି ଗେଟ୍‌ର ସଟର ବନ୍ଦ ରହିଛି । ଫଳରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ୧୨ଶହ ଏକରରୁ ଊର୍ଦ୍ଧ୍ୱ ଜମିର ଧାନ , ମକା ଓ ପନିପରିବା ଫସଲ ପାଣିରେ ବୁଡ଼ି ରହିଛି । ଯଦି ଆଉ କିଛି ଦିନ ମଧ୍ୟରେ ବର୍ଷା ଜଳ ନିଷ୍କାସନ ନ ହୁଏ ଫସଲ ନଷ୍ଟ ହେବ ବୋଲି ଚାଷୀମାନେ କହିଛନ୍ତି । ତୁରନ୍ତ ସ୍ଲୁଇସି ଗେଟ୍‌ର ସଟର ଖୋଲିବାକୁ ଚାଷୀମାନେ ଦାବି କହିଛନ୍ତି ।

କଣ୍ଟିଲୋ ଜଳସମ୍ପଦ ସେକ୍ସନ ଅଧୀନରେ ଥିବା ୫.୫ କିମି ମହାନଦୀର ଦକ୍ଷିଣପାର୍ଶ୍ୱ କୁମୁଣ୍ଡି-ସିଧାମୂଳା ମାଳବନ୍ଧ ଦୀର୍ଘବର୍ଷ ହେବ ମରାମତି କରାଯାଇନାହିଁ। ଉକ୍ତ ମାଳବନ୍ଧରେ ଥିବା ୩ ସ୍ଲୁଇସ୍ ଗେଟ୍ ମାଧ୍ୟମରେ କୁମୁଣ୍ଡି, ଘଣାଶାଳିଆ ଓ ରାଜକିଆରି ଆଦି ଗ୍ରାମ ଓ ତତ୍‌ସଂଲଗ୍ନ ଗ୍ରାମ ଜଙ୍ଗଲରୁ ବହି ଆସୁଥିବା ବର୍ଷା ଜଳ ମାଳବନ୍ଧ ପାର୍ଶ୍ୱରେ ଥିବା ୧୨ଶହ ଏକରରୁ ଊର୍ଦ୍ଧ୍ୱ ଜମି ଦେଇ ମହାନଦୀକୁ ନିଷ୍କାସନ ହୋଇଥାଏ । ଅଧିକାଂଶ ସମୟରେ ବର୍ଷା ଅଭାବରୁ ଫସଲ ବଞ୍ଚାଇବା ପାଇଁ ମହାନଦୀର ବନ୍ୟା ଜଳ ସେହି ସ୍ଲୁଇସ୍ ଗେଟ ଦେଇ ମାଳବନ୍ଧ ପାର୍ଶ୍ୱ ଜମିକୁ ଛଡା ଯାଇଥାଏ । ଅପରପକ୍ଷେ ବର୍ଷା ଜଳ ଓ ଗ୍ରାମର ଉଦ୍‌ବୃତ ଜଳ ମାଳବନ୍ଧ ପାର୍ଶ୍ୱରେ ଥିବା ଜମିରେ ପ୍ରବାହିତ ହୋଇ ସ୍ଲୁଇସ୍‌ଗେଟ୍ ଦେଇ ମହାନଦୀଙ୍କୁ ନିଷ୍କାସନ ହୋଇଥାଏ । ଚାଷୀ ଓ କୃଷିର ଉନ୍ନତି ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଘଣାଶାଳିଆ ଓ କୁମୁଣ୍ଡି ଗ୍ରାମ ନିକଟରେ ଚେକ୍‌ଡ୍ୟାମ ନିର୍ମାଣ କରାଯାଇଛି । ହେଲେ ଚେକ୍‌ଡ୍ୟାମ୍‌ର ସ୍ଲୁଇସ୍ ଗେଟ୍‌ଗୁଡିକ ବନ୍ଦ ରହିଥିବାରୁ ଗତ ୨ଦିନ ହେଲା ଲଘୁଚାପ ଜନିତ ବର୍ଷାଜଳ ୧୨ ଶହ ଏକରରୁ ଊର୍ଦ୍ଧ୍ୱ ଜମିରେ ଲହଡି ମାରୁଛି । ଜଳସମ୍ପଦ ବିଭାଗ ମାଳବନ୍ଧରେ ଥିବା ସମସ୍ତ ସ୍ଲୁଇସି ଗେଟଗୁଡିକୁ ଖୋଲି ଦେଇଥିଲେ ମଧ ଚେକ୍‌ଡ୍ୟାମ ସ୍ଲୁଇସି ଗେଟର ସଟର ଖୋଲା ଯାଇ ନ ଥିବାରୁ ବିଲରେ ବର୍ଷାଜଳ ଜମି ରହିଛି । ଚେକ୍ ଡ୍ୟାମ୍‌ରୁ ବର୍ଷାଜଳ ନିଷ୍କାସନ ହେବା ପରେ ମାଳବନ୍ଧରେ ଥିବା ସ୍ଲୁଇସି ଗେଟ ଦେଇ ମହାନଦୀକୁ ବର୍ଷା ଜଳ ନିଷ୍କାସନ ହୋଇପାରିବ ବୋଲି ଚାଷୀମାନେ କହିଛନ୍ତି । ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମମୋହନ ବେହେରାଙ୍କ ସୂଚନା ଅନୁଯାୟୀ, ସୋମବାରଠାରୁ ମାଳବନ୍ଧରେ ଥିବା ସମସ୍ତ ସ୍ଲୁଇସ ଗେଟର ସଟର ଖୋଲା ଯାଇଛି । ଅନ୍ୟପକ୍ଷେ ଚେକ୍‌ଡ୍ୟାମ୍‌ର ସଟର ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ଦାସ ପ୍ରକାଶ କରିଛନ୍ତି ।



ବର୍ଷାଜଳରେ ବୁଡ଼ି ରହିଥିବା ଫସଲ

